# ସିପିଏମ୍‌ର ପ୍ରତିବାଦ

ଭଦ୍ରକ,୨୧।୧୨(ସନାତନ ରାଉତ/ରବିନାରାୟଣ ଖିଲାର)

ସମ୍ବିଧାନ ପ୍ରଣେତା ଡ. ବି. ଆର୍. ଆମ୍ବେଡକରଙ୍କ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ସିପିଏମ୍‌ର ଭଦ୍ରକ ଜିଲା କମିଟି ପକ୍ଷରୁ ଶନିବାର ପ୍ରତିବାଦ କରାଯାଇଛି। ଭଦ୍ରକ ବନ୍ତଛକଠାରେ କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସିପିଏମ୍‌ର ବରିଷ୍ଠ ନେତା ପ୍ରଭାସ ମହାପାତ୍ର, ଜିଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ନେତା ଗିରିଧାରୀ ନାଥ, କାଳନ୍ଦୀ ପାତ୍ର, ବାମଦେବ ମିଶ୍ର, ଯୁବନେତା ବିନୋଦ ସାହୁ, ପ୍ରତାପ ସେଠୀ, ମହିଳା ନେତ୍ରୀ ସୁରଜିତା ନାୟକ, ମଣ୍ଟୁ ମୁଣ୍ଡା, ସେକ୍ କମର, ଉଜ୍ୱଳ ଯେନା ପ୍ରମୁଖ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ।

# ବିଲରେ ଭିଜୁଛି ଧାନ

■ଚାଷୀଙ୍କ ଚିନ୍ତା ବଢ଼ାଇଲା ଅଦିନିଆ ବର୍ଷା

■ଜମି ନ ଶୁଖିଲେ ହୋଇପାରିବନି ଅମଳ

ବନ୍ତ,୨୧।୧୨(ହରିନାରାୟଣ ମହାନ୍ତି)



ଦୁଇଦିନ ଧରି କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ହୋଇଥିଲା। ଶୁକ୍ରବାର ରାତିଠାରୁ ବର୍ଷାର ମାତ୍ରା ବଢ଼ିଯାଇଛି। ଶନିବାର ଦିନତମାମ ବର୍ଷା ଲାଗି ରହିଥିଲା। ଅଦିନିଆ ବର୍ଷା ବନ୍ତ ବ୍ଲକର ଚାଷୀମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ଠିକ୍ ଧାନ ଅମଳ ସମୟରେ ଅଦିନିଆ ବର୍ଷା ଦାଉ ସାଧିଲା। କିଛି ଚାଷୀ ହାତରେ ଧାନ କାଟି ଜମିରେ ପକାଇଥିଲେ। ୨/୩ ଦିନ ମଧ୍ୟରେ ସେମାନେ କଟାଧାନ ସବୁ ଘରକୁ ଆଣିଥାନ୍ତେ। ମାତ୍ର ଏହି ସମୟରେ ବର୍ଷା ହେବାରୁ ଏବେ ବିଲରେ କଟାଧାନ ସବୁ ବର୍ଷାରେ ଭିଜୁଛି।

ଏହି ବ୍ଲକର ଶତପ୍ରତିଶତ ଚାଷୀ ଖରିଫ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଏଥିରୁ ଯାହା ଅମଳ ହୁଏ, ସେଥିରେ ସେମାନଙ୍କ ପରିବାର ବର୍ଷତମାମ ଚଳେ। ପ୍ରଥମେ ଧାନଚାଷ ଆରମ୍ଭ ସମୟରେ ବର୍ଷା ଅନିୟମିତତା ଦେଖାଦେଇଥିଲା। ପରେ ଅକ୍ଟୋବରରେ ବାତ୍ୟା 'ଦାନା'ରେ ଚାଷ କ୍ଷତିଗ୍ରସ୍ତ ହୋଇଥିଲା। ପୁଣି ଏବେ ଅଦିନିଆ ବର୍ଷା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି। ଆଉ ଅଳ୍ପଦିନ ପରେ ସରକାରୀ ମଣ୍ଡି ଖୋଲିବ। ଚାଷୀମାନେ ଅମଳ ଧାନ ନେଇ ମଣ୍ଡିରେ ବିକିବେ। ମଣ୍ଡିରେ ଏଫ୍‌ଏକ୍ୟୁ ମାନର ଦେବାକୁ କୁହାଯାଇଥିବା ବେଳେ ବର୍ଷା ଯୋଗୁ ଧାନକୁ ସୁରକ୍ଷିତ ରଖିବା ନେଇ ଚାଷୀମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। କେତେକ ଚାଷୀ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଜମିରେ ଧାନକୁ ଗଦା ମାରି ରଖିଛନ୍ତି। ବହୁ ଚାଷୀ ମେଶିନ ସହାୟତାରେ ଧାନ କାଟୁଥିବାରୁ ଏବେ ବର୍ଷା ହେବା ଯୋଗୁ ଜମିକୁ ମେଶିନ ଯାଇପାରିବ ନାହିଁ। ଫଳରେ ଧାନ ଅମଳରେ ବିଳମ୍ବ ହେବ। ସେହିପରି ଏହି ବର୍ଷା ଯୋଗୁ ପାଚିଲା ଧାନ ନଷ୍ଟ ହେବାର ଆଶଙ୍କା ପ୍ରକାଶ କରିଛନ୍ତି ଚାଷୀ। ବାତ୍ୟା 'ଦାନା' ପ୍ରଭାବରେ ଏହି ବ୍ଲକର ବହୁ ଚାଷୀଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏଥିନେଇ ରାଜ୍ୟ ସରକାର କ୍ଷତିପୂରଣ ଦେବେ ବୋଲି ଘୋଷଣା କରିଥିଲେ। ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚାଷୀମାନଙ୍କୁ ଫସଲହାନି ପାଇଁ କ୍ଷତିପୂରଣ ମିଳି ନ ଥିବା ଜଣାଯାଇଛି। ଏପରି ସ୍ଥଳେ ଏହି ଅଦିନିଆ ବର୍ଷା ହେବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

# ଚାଷୀ ହତାଶ, ୩୧ଶହରେ ବିକିବା ଆଶା ମଉଳିଲା



ବିକ୍ରି ପାଇଁ ରହିଛି ଧାନବସ୍ତା।

ଭଦ୍ରକ/ ଧାମନଗର/ ଆଗରପଡ଼ା, ୨୧।୧୨(ସନାତନ ରାଉତ / ସନ୍ତୋଷ ମହାପାତ୍ର/ ସୁଶାନ୍ତ ଦାଶ)

ଏବେ ଖରିଫ ଧାନ ଅମଳ ସମୟରେ ୨ ଦିନ ଧରି କୋହଲା ପାଗ ସାଙ୍ଗକୁ ବର୍ଷା ଲାଗି ରହିଛି। ଶୁକ୍ରବାର ରାତିରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ଶନିବାର ଦିନତମାମ ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଥିଲା। ଜିଲାରେ ପ୍ରାୟ ୫୦ ପ୍ରତିଶତ ଧାନ ଅମଳ ହୋଇସାରିଥିବା ବେଳେ ବିଲରେ ଏବଂ ଖଳାରେ ଧାନ ଭିଜୁଛି। ବର୍ଷା ଦାଉରୁ ଅମଳ ଧାନକୁ ସୁରକ୍ଷିତ ରଖିବା ପାଇଁ ଚାଷୀଙ୍କୁ ନାକେଦମ୍ ହେବାକୁ ପଡୁଛି। କେତେକ ଜମିରେ କଟା ହୋଇ ପଡ଼ିଥିବା ବେଳେ ଆଉ କେତେକ ଧାନ ବିକ୍ରି ପାଇଁ ବସ୍ତା ହୋଇ ରହିଛି। ଅମଳ ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ସବୁ ଆଶା, ଆକାଂକ୍ଷାକୁ ଧୋଇ ନେଇଛି। ସରକାରୀ ଦରରେ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କାରେ ଧାନ ବିକିବାକୁ ସରକାର ଘୋଷଣା କରିଥିବା ବେଳେ ଜିଲାରେ ଏପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ପଞ୍ଜୀକୃତ ଚାଷୀମାନେ ମଣ୍ଡି ଖୋଲିବାକୁ ଅପେକ୍ଷା କରିଛନ୍ତି। ମଣ୍ଡିରେ ଏଫ୍‌ଏକ୍ୟୁ ମାନର ଧାନ କିଣିବା ପାଇଁ ନିୟମ ରହିଥିବା ବେଳେ ବର୍ଷାରେ ଭିଜିଥିବା ଧାନକୁ ମିଲର କିଣିବେ କି ନାହିଁ, ସେନେଇ ଚାଷୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଚାଷୀମାନେ ହତାଶ ହୋଇପଡ଼ିଥିବା ବେଳେ ୩୧ଶହ ଟଙ୍କାରେ ଧାନ ବିକିବା ନେଇ ସେମାନଙ୍କ ଆଶା ମଉଳିଯାଇଛି। ମଣ୍ଡିରେ ବିକି ନ ପାରିଲେ ବାଧ୍ୟହୋଇ ଅଧା ଦରରେ ଦଲାଲଙ୍କୁ ବିକିବାକୁ ପଡ଼ିବ ବୋଲି ଚାଷୀମାନେ କହିଛନ୍ତି। ଏବେ ବର୍ଷା ହୋଇଥିବାରୁ ବିଲରେ ଧାନକଟା ମେଶିନ ପଶିବାକୁ ବିଳମ୍ବ ହେବା ସହ ସେତେବେଳକୁ ଧାନକେଣ୍ଡା ଖସି ପଡ଼ିବାର ଆଶଙ୍କା ରହିଛି। ଫଳରେ ବହୁ କ୍ଷତି ସହିବାକୁ ପଡ଼ିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟରେ ପଡ଼ିଲା ତାଲା

ସ୍କୁଲ କମିଟି ଗଠନକୁ ନେଇ ବିବାଦ

ବାସୁଦେବପୁର,୨୧।୧୨(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବରଣ୍ଡୁଆ ପଞ୍ଚାୟତ ରତାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ କମିଟି ଗଠନକୁ ନେଇ ବିବାଦରୁ ଶନିବାର ତାଲା ପଡ଼ିଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ମନମୁଖି କାର୍ଯ୍ୟ ଅଭିଯୋଗ ଆଣି କେତେକ ଗ୍ରାମବାସୀ, ଅଭିଭାବକ ଓ ସ୍କୁଲ କମିଟି କର୍ମକର୍ତ୍ତା ବିଦ୍ୟାଳୟରେ ତାଲା ପକାଇଥିଲେ। ସ୍କୁଲ କମିଟି ଗଠନ ପ୍ରକ୍ରିୟାକୁ ନେଇ ବିବାଦ ଉପୁଜିଥିବା ବେଳେ ଜିଲାପାଳଙ୍କ ନିର୍ଦ୍ଦେଶକୁ ବିଦ୍ୟାଳୟ ପକ୍ଷରୁ ଅବମାନନା କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସ୍କୁଲ କମିଟିର କାର୍ଯ୍ୟକାଳ ୨୦୨୫ ଏପ୍ରିଲ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଇଓଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଏହି ଚିଠିକୁ ଭଦ୍ରକ ଜିଲାପାଳ ଅନୁମୋଦନ କରିଛନ୍ତି। ଏହାସତ୍ତ୍ୱେ ଏହି ଚିଠିକୁ ଅଣଦେଖା କରାଯାଉଥିବାରୁ ପୂର୍ବ ଏସ୍‌ଏମ୍‌ସି ସଭାପତି ଶରତ ଖଟୁଆ କ୍ଷୋଭ ପ୍ରକାଶ କରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ବାରମ୍ବାର ଚେଷ୍ଟା ସତ୍ତ୍ୱେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ରାଜ୍ୟସ୍ତରକୁ ଗଲେ ୧୦ ପ୍ରତିଯୋଗୀ



ଶିଶୁ ଉତ୍ସବରେ ଉପସ୍ଥିତ ଅତିଥି।

ନଳାଙ୍ଗ/ଭଣ୍ଡାରିପୋଖରୀ, ୨୧।୧୨ (ସାଇଶଙ୍କର ମହାକୁଲ/ରାଜେନ୍ଦ୍ର ଶତପଥୀ)

ଜିଲାସ୍ତରୀୟ ଶିଶୁ ଉତ୍ସବ

ଭଦ୍ରକ ସହର ନିକଟସ୍ଥ ତଥା ଭଣ୍ଡାରିପୋଖରୀ ବ୍ଲକର ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡ଼ିପୁରସ୍ଥିତ ଜଗନ୍ନାଥ ହାଇସ୍କୁଲଠାରେ ଶନିବାର ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓଷ୍ଟା ଜିଲା ସଭାପତି ଶଶିଶେଖର କରଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ, ମୁଖ୍ୟବକ୍ତା ଡ. ଶୁଭେନ୍ଦ୍ର ମିଶ୍ର, ଅନ୍ୟତମ ଅତିଥି ଭାବେ ଜିଲା କାର୍ଯ୍ୟକାରୀ ସଭାପତି ଅନୀଲ ମିଶ୍ର, ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର ତରାଇ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାସୁଦେବ ଗୋଚ୍ଛାୟତ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବ୍ଲକ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ, ପ୍ରଧାନ ଶିକ୍ଷକ ଅଜୟ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ, ବ୍ଲକ ସମ୍ପାଦକ ପ୍ରଭାକର ପରିଡ଼ା ମାନପତ୍ର ପଠନ ଓ କମଳାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଓଷ୍ଟାର ଅବସରପ୍ରାପ୍ତ ନେତୃତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୭ ବ୍ଲକରୁ ୧୩୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ସରପଞ୍ଚ ଅମୂଲ୍ୟ ନାୟକ, ସମିତିସଭ୍ୟ ପ୍ରତିନିଧି ଦୀପକ ପାଣିଗ୍ରାହୀ, ସାମାଜିକ କର୍ମୀ ବିଜୟ ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ନେତା ପର୍ଶୁରାମ ପାତ୍ର, ମନୋରଞ୍ଜନ ପଣ୍ଡା, ବିକଶି ସାହୁ, ଗୀତାଞ୍ଜଳି ପାତ୍ର, ସନ୍ତୋଷ ଜେନା, ପର୍ଶୁରାମ ସାହୁ, ନିରଞ୍ଜନ ପଣ୍ଡା, ବ୍ରହ୍ମାନନ୍ଦ ରାୟ, ବିଶ୍ୱନାଥ ପଣ୍ଡା, ନବ ମଲ୍ଲିକ, ସଞ୍ଜୟ ମହାଳିକ, ଅଜିତ୍ ପଳିତା, ହେମନ୍ତ ସୂତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧାମନଗର ଓକିଲ ସଂଘର ପ୍ରତିଷ୍ଠା ଉତ୍ସବ



ସଂଘର ମୁଖପତ୍ର 'ଆଇନ ଓ ଆଇନଜୀବୀ' ଉନ୍ମୋଚନ କରାଯାଉଛି।

ଧାମନଗର/ଦୋବଲ, ୨୧।୧୨(ସନ୍ତୋଷ କୁମାର ମହାପାତ୍ର/ ମଦନ ମୋହନ ଦାସ)

ଧାମନଗର ଓକିଲ ସଂଘର ୧୦ମ ପ୍ରତିଷ୍ଠା ଉତ୍ସବ ଶନିବାର ଅପରାହ୍ନରେ କୋର୍ଟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଆଇନଜୀବୀ ରଞ୍ଜିତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ମିଶ୍ର, ଅନ୍ୟତମ ଅତିଥି ଭଦ୍ରକ ଜିଲା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ, ମୁଖ୍ୟବକ୍ତା ଓଡ଼ିଶା ବାର୍ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏବଂ ସମ୍ମାନିତ ଅତିଥି ଭାବେ ଭଦ୍ରକ ଓକିଲ ସଂଘର ସଭାପତି ଆଇନଜୀବୀ ବସନ୍ତ କୁମାର ଦାସ, କଟକ ବାର୍ କାଉନସିଲ ସଭାପତି ବିଜୟ କୁମାର ଦାସ, ଧାମନଗର ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ, ସମ୍ପାଦକ ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବାର୍‌ର ଏକତା ରଖିବା ସହ ବିଚାରପତିମାନଙ୍କୁ ସମ୍ମାନ ଦିଅନ୍ତୁ। ଏହାସହ ଆଇନର ଅପବ୍ୟବହାର କରି ଅଯଥା ସମୟ ନଷ୍ଟ ନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଧାମନଗର ଓକିଲ ସଂଘର ଲୋଗୋ ଉନ୍ମୋଚନ ପରେ ମୁଖପତ୍ର 'ଆଇନ ଓ ଆଇନଜୀବୀ' ଉନ୍ମୋଚନ କରାଯାଇଥିଲା।

ଏହି ଅବସରରେ ସ୍ୱର୍ଗତ ଆଇନଜୀବୀ ମାୟାଧର ବାରିକଙ୍କ ସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ଦେବାଶିଷ ସାମଲ ଏବଂ ଦିବ୍ୟସିଂହ ନାୟକ ସମ୍ବର୍ଦ୍ଧିତ ହୋଇଥିଲେ। ଯେଉଁମାନଙ୍କର ୩୦ବର୍ଷରୁ ଊର୍ଦ୍ଧ୍ୱ ହେବ ଆଇନଜୀବୀରେ ଅଭିଜ୍ଞତା ମୋଟ ୧୧ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଧାମନଗର ଅଞ୍ଚଳର ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଣା ପଣ୍ଡା ନିଜେ ଆଙ୍କିଥିବା ବାବା ଆଖଣ୍ଡଳମଣିଙ୍କ ଏକ ଫଟୋଚିତ୍ର ମୁଖ୍ୟଅତିଥିଙ୍କୁ ଉପହାର ରୂପେ ପ୍ରଦାନ କରିଥିଲେ। ଧାମନଗର କୋର୍ଟ ବିଚାରପତି ଚିନ୍ମୟ ଦାସ, ବିଭୁ ପ୍ରସାଦ ବେହେରାଙ୍କ ସହ ଅଜିତ କୁମାର ଦାସ, ସ୍ନେହାଶିଷ ପଣ୍ଡା, ଅମର କୁମାର ମହାନ୍ତି, ସନ୍ତୋଷ କୁମାର ତ୍ରିପାଠୀ, ପର୍ଶୁରାମ ମହାପାତ୍ର, ମନୋଜ କୁମାର ଗୁପ୍ତା, ପ୍ରଜ୍ଞା ପରମିତା ଦାଶ, ମିନତି ମଲ୍ଲିକ, ସୁବ୍ରତ କୁମାର ନନ୍ଦ, ଆଫ୍ରୟା ଖାତୁନ, ଶାନ୍ତନୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ବିଜୟ ରାମ ଧନ୍ୟବାଦ ଦେଇଥିଲେ।

# ସ୍କୁଲରେ ଅଭିନନ୍ଦନ ପତ୍ର କର୍ମଶାଳା




କର୍ମଶାଳାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର।

ଆଗରପଡ଼ା,୨୧।୧୨(ସୁଶାନ୍ତ ଦାଶ)

ଆଗରପଡ଼ା ଶିକ୍ଷା ସର୍କଲ ଅଧୀନ ପୁରୁଷଣ୍ଡ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମିଶ୍ର ଓ କଳା ଶିକ୍ଷକ ପଦ୍ମନାଭ ସେଠୀଙ୍କ ତତ୍ତ୍ୱାବଧାନରେ ଅଭିନନ୍ଦନ ପତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୫୫ ଛାତ୍ରୀଛାତ୍ର ଏଥିରେ ଭାଗନେବା ସହ ଅଭିନନ୍ଦନ ପତ୍ର ତିଆରି କରିଥିଲେ। ସିଆର୍‌ସିସି ନିରଞ୍ଜନ ଖିଲାର ପିଲାମାନଙ୍କ କଳା କୌଶଳ ଦେଖି ପ୍ରଶଂସା କରିଥିଲେ। ମୋବାଇଲ ଯୁଗରେ ଅଭିନନ୍ଦନ ପତ୍ର ଧୀରେ ଧୀରେ ଲୋପ ପାଉଥିବା ବେଳେ ପୁରୁଷଣ୍ଡ ନୋଡାଲ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଏହି ପରମ୍ପରାକୁ ବଜାୟ ରଖିଥିବାରୁ ସାଧୁବାଦ ଜଣାଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ସ୍ମିତାରାଣୀ ମାଝୀ, ସ୍ୱର୍ଣ୍ଣଲତା ମିଶ୍ର, ଅନିତା ଭୂୟାଁ, ପରମେଶ୍ୱର ପୃଷ୍ଟି, ଗାୟତ୍ରୀ ନାୟକ, ପ୍ରିୟଙ୍କା ସାହୁ ଓ ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

# ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କଲେ ଶିକ୍ଷୟିତ୍ରୀ ଶିକ୍ଷକ

ଚାନ୍ଦବାଲି,୨୧।୧୨(କିଷାନ ପାତ୍ର)



କ୍ଲଷ୍ଟରସ୍ତରୀୟ ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

ଚାନ୍ଦବାଲି ବ୍ଲକର ଗୋପାଳପୁର କ୍ଲଷ୍ଟର ଅଧୀନ ଓସ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ମହାରାଜଙ୍କ ତତ୍ତ୍ୱାବଧାନ ଓ ଗୋପାଳପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ତପନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ଲତା ପାଢ଼ୀ, ମାଧବାନନ୍ଦ ଓଝା, ନିଶାକର ନାଥ, ସୂର୍ଯ୍ୟକାନ୍ତ ସେଠୀ ଓ ଗଙ୍ଗାଧର ସେଠୀ ଯୋଗ ଦେଇଥିଲେ। ସିଆର୍‌ସିସି ତପନ ସାହୁ ଡିସେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ନମୁନା ପାଠ୍ୟ ଯୋଜନା ଓ ଶିକ୍ଷଣ କାର୍ଯ୍ୟ ଉପସ୍ଥାପନ କରିଥିଲେ। ୧୫ ବିଦ୍ୟାଳୟରୁ ମୋଟ ୩୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ବୈଠକରେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ କୃତୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିଲା। ବିଚିତ୍ର ପାତ୍ର, ସୁରଥ ନାୟକ, ସସ୍ମିତା ନାୟକ, ତିଲୋତ୍ତମା ଦଳାଇ, ନିରୂପମା ମହାନ୍ତି, ସନ୍ଧ୍ୟାରାଣୀ ମହାନ୍ତି, ମାନସୀ ନନ୍ଦ, ନନ୍ଦିତା ଦାସ ପ୍ରମୁଖ ସହଯୋଗ କରିଥିଲେ।

# ସୋନାଲି, ସୁହାନା ଚାମ୍ପିୟନ

ଭଦ୍ରକ,୨୧।୧୨(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ନୀଳଗିରି ରବି ସାହୁଙ୍କ ଅଧ୍ୟକ୍ଷତାରେ କ୍ରୀଡ଼ା ପରିଷଦର ଉପସଭାପତି ମଞ୍ଜୁଳା ପ୍ରଧାନ ଓ କ୍ରୀଡ଼ା ଅଧ୍ୟାପିକା ଭାଗ୍ୟଲକ୍ଷ୍ମୀ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ ଗୁରୁବାର ଅତିରିକ୍ତ ଉପଜିଲାପାଳ ତଥା ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ଶ୍ୟାମଳ ରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଦୌଡ଼, ସର୍ଟପୁଟ, ଲମ୍ଫଡିଆଁ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୨ର ଛାତ୍ରୀ ସୋନାଲି ରାଉତ ଓ ଯୁକ୍ତ ୩ର ସୁହାନା କାଦ୍ରୀ ଚାମ୍ପିୟନ ହୋଇଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନାସିର ବକ୍ସ ଓ ସଦସ୍ୟ ଅଧିବକ୍ତା ଗୋପବନ୍ଧୁ ଦୀକ୍ଷିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମହାବିଦ୍ୟାଳୟର ମଞ୍ଜୁଳା ପ୍ରଧାନ, କ୍ରୀଡ଼ା ସଦସ୍ୟ ଅଶୋକ କୁମାର ନାୟକ, ପ୍ରଦ୍ୟୁତ୍ ପଣ୍ଡା, ଅନୀଲ ବେହେରା, ସୁବାସିନୀ ସେଠୀ, ସୌଦାମିନୀ ରାଉତ, ବନ୍ଦନା ରାଉତ ପ୍ରମୁଖ ସହଯୋଗ କରିଥିଲେ। ସିଲେସିନା ଏକ୍କା ଧନ୍ୟବାଦ ଦେଇଥିଲେ।

# ରାସ୍ତା କାମକୁ ୨ ସପ୍ତାହ ପୂରିନି, ପିଚୁ ଉଠିଗଲାଣି



ମଙ୍ଗଳପୁର ନିକଟରେ ରାସ୍ତାରୁ ପିଚୁ ଉଠିଯାଇଛି।

ଧୂଷୁରୀ,୨୧।୧୨(ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ-ଆରଡ଼ି ୩୫ ନଂ. ରାଜ୍ୟ ରାଜପଥ ଦେଇ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ପ୍ରସିଦ୍ଧ ଶୈବପୀଠ ଆରଡ଼ିକୁ ଯାତାୟାତ କରନ୍ତି। ୩ବର୍ଷ ତଳେ ରାସ୍ତା ପ୍ରଶସ୍ତୀକରଣ ଆଳରେ ମଠଡିହରୁ ଭଦ୍ରକ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରୁ ସବୁ ଗଛ କଟାଗଲା। ହେଲେ ଓଳଗରୁ ଦୋହରାପାଟଣା ପ୍ରାୟ ୨ କି.ମି., ସାଆଁଳପୁରରୁ ପାୟାସାହି ୨ କି.ମି., ବାହାରବିଲରୁ କୋଠାର ପ୍ରାୟ ୨.କି.ମି. ମୋଟ ୬ କି.ମି. ରାସ୍ତାରେ ଗୋଟିଏ ପାର୍ଶ୍ୱ ୩ ଫୁଟ୍ ବଢ଼ାଇବା ସହ ୧ ଇଞ୍ଚ୍ ଉଚ୍ଚତାର ପିଚୁ ପକାଇ ଠିକାଦାର ଉଭାନ ହୋଇଯାଇଥିଲେ। ଏହାମଧ୍ୟରେ ୩ଟି ବର୍ଷାଋତୁ ଅତିକ୍ରମ କରିସାରିଲାଣି। ରାସ୍ତାସାରା ଖାଲଖମା। ଏଭଳି ସ୍ଥିତିରେ ଜଣେ ଠିକାଦାର ବରୁଣାଇଠାରୁ ଆନନ୍ଦବଜାର ପର୍ଯ୍ୟନ୍ତ ରାସ୍ତାକାମ ଆରମ୍ଭ କରିଥିଲେ। ରାସ୍ତାରେ ପିଚୁ ପକାଇଥିଲେ। ପିଚୁ ପକାଇବାର ୨ ସପ୍ତାହ ପୂରିନି, ବିଭିନ୍ନ ସ୍ଥାନରେ ପିଚୁ ଉଠିଗଲାଣି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। କାମସ୍ଥଳରେ ଥିବା ଜଣୈକ ସୁପରଭାଇଜରଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି କହିପାରିବେ ନାହିଁ ବୋଲି ମନା କରିଦେଇଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନବଘନ ମାରାଣ୍ଡିଙ୍କୁ ପଚାରିବାରୁ ଏ ବିଷୟରେ ତଦନ୍ତ କରାଯାଇ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଗୋଚର ଜମିରୁ ମାଟି ଖୋଳିବାକୁ ନେଇ ଉତ୍ତେଜନା

■୨ ଗୋଷ୍ଠୀ ମୁହାଁମୁହିଁ, ଥାନାରେ ଅଭିଯୋଗ

■ମାଟିଖୋଳା ବନ୍ଦ କଲେ ତହସିଲଦାର

ତିହିଡ଼ି,୨୧।୧୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାରସର ପଞ୍ଚାୟତ ମୁଟୁରୀଗଡ଼ ଗ୍ରାମରେ ଗୋଚର ଜମିରୁ ମାଟି ଖୋଳିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଶୁକ୍ରବାର ଅପରାହ୍ନରେ ଏହି ଘଟଣା ଘଟିଥିବା ବେଳେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ମାଟିଖୋଳା ବନ୍ଦ କରି ଦେଇଛନ୍ତି। ଉଭୟ ଗୋଷ୍ଠୀ ପୀରହାଟ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ଘଟଣାରୁ ପ୍ରକାଶ ଯେ, ମୁଟୁରୀଗଡ଼ ଗ୍ରାମ ନିକଟସ୍ଥ ଗେଙ୍ଗୁଟି ନଦୀରେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି କାର୍ଯ୍ୟ ଚାଲିଥିବା ବେଳେ ଠିକାଦାର ଗୋଚର ଜମିରୁ ମାଟି ଖୋଳାଇଥିଲେ। ନୂଆବନ୍ଧ ମୌଜାର ଖାତା ନଂ. ୩୭୯ରେ ଥିବା ଗୋଚର ଜମିରୁ ସେ ଜେସିବି ସହାୟତାରେ ମାଟି ଖୋଳିବା ପରେ ମୁଟୁରୀଗଡ଼ ଗ୍ରାମର କେତେଜଣ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ। ଗୋଚର ଜମିରେ ଗୋରୁ ଚରୁଥିବାରୁ ମାଟି ଖୋଳା ହେଲେ ବହୁ ସମସ୍ୟା ଉପୁଜିବ ବୋଲି ସେମାନେ ଦର୍ଶାଇଥିଲେ। ଏହି ଘଟଣା ପରେ କାଁପଡ଼ା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ମାଟିଖୋଳା ବନ୍ଦ କରିଥିଲେ। ଘଟଣାର ୮ଦିନ ପରେ ପୁନର୍ବାର ଠିକାଦାର ଜଣକ ସେହି ଗୋଚର ଜମିରୁ ଜେସିବି ସହାୟତାରେ ମାଟି ଖୋଳିଥିଲେ। ଗ୍ରାମବାସୀ ଏଥିରେ ଅସନ୍ତୋଷ ପ୍ରକାଶ କରି ମାଟି ବୋହୁଥିବା ଟ୍ରାକ୍ଟରକୁ ରାସ୍ତାରେ ଅଟକ ରଖିଥିଲେ। ଏଥିସହ ଗ୍ରାମର ଗୋବିନ୍ଦ ଚନ୍ଦ୍ର ରାଉତ, ବାବାଜୀ ରାଉତ, ଆଲୋକ ମହାପାତ୍ର, ଦୀପକ ମହାପାତ୍ର, ସନ୍ତୋଷ ରାଉତ, କାଳିଆ ମହାପାତ୍ର ପ୍ରମୁଖ ଗତ ୧୮ ତାରିଖରେ ଏ ସମ୍ପର୍କରେ ପୂର୍ତ୍ତ ବିଭାଗ, ରାଜସ୍ୱ ବିଭାଗ ମନ୍ତ୍ରୀଙ୍କ ସମେତ ରାଜସ୍ୱ ବିଭାଗ ସଚିବ, ଜିଲାପାଳ, ତହସିଲଦାର ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିଲେ। ଶୁକ୍ରବାର ଅପରାହ୍ନରେ ଗୋଚର ଜମିରୁ ମାଟି ଖୋଳା ଚାଲିଥିବା ବେଳେ ଗ୍ରାମର ଅନୀଲ ରାଉତଙ୍କ ସମେତ ଗ୍ରାମବାସୀ ଏହାର ବିରୋଧ କରିଥିଲେ। ଅପରପକ୍ଷର କିଛି ବ୍ୟକ୍ତି ସେଠାରେ ଉପସ୍ଥିତ ଥିବାରୁ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଅନୀଲଙ୍କୁ କେତେକ ବ୍ୟକ୍ତି ଗାଳିଗୁଲଜ କରିବା ସହ ଧକ୍କା ମାରି ହତ୍ୟା ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଅପରପକ୍ଷରୁ ସରପଞ୍ଚ ଚକ୍ରଧର ଦାସ ଥାନାରେ ଏତଲା ଦେଇଛନ୍ତି। ସେ ପୋଲ ନିର୍ମାଣ କାର୍ଯ୍ୟ ଦେଖିବାକୁ ଯାଇଥିବା ବେଳେ ଅନୀଲ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ସରପଞ୍ଚ ଅଭିଯୋଗରେ ଦର୍ଶାଇଛନ୍ତି।



ଗୋଚର ଜମିରେ ମାଟିଖୋଳା ଚାଲିଛି।

## ହୃଦ୍‌ଘାତରେ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ୍ୟୁ

ନୀଳଗିରି, (ପ୍ରଶାନ୍ତ ବିଶ୍ୱାଳ)-ପଶ୍ଚିମବଙ୍ଗର ଏକ ପର୍ଯ୍ୟଟକ ଦଳ ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ପଞ୍ଚଲିଙ୍ଗେଶ୍ୱର ଦର୍ଶନ କରି ଘରକୁ ଫେରୁଥିଲେ। ନୀଳଗିରି ନିକଟରେ ବସ୍‌ରେ ଛାୟା ରଣା (୬୨) ନାମ୍ନୀ ମହିଳା ହଠାତ୍ ଅଚେତ ହୋଇପଡ଼ିଥିଲେ। ବସ୍‌ରେ ଥିବା ପରିବାର ଲୋକେ ଏକ ଅଟୋରେ ନୀଳଗିରି ମେଡ଼ିକାଲ ଆଣିଥିଲେ। ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ପଶ୍ଚିମବଙ୍ଗ ମେଦିନାପୁର ଜିଲାର କୋତାଲି ଥାନା ଖଡ଼ଗପୁର ଗ୍ରାମରେ ମୃତ ମହିଳାଙ୍କ ଘର। ଖବର ପାଇ ନୀଳଗିରି ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

**ବାଲେଶ୍ୱର**

**ସଂକ୍ଷେପରେ**

## ନିଆଁ ଲାଗି ଜଳିଗଲା ପିକ୍‌ଅପ୍ ଭ୍ୟାନ୍

ଜଳେଶ୍ୱର, ୨୧।୧୨(ରବିନାରାୟଣ ପାତ୍ର)

ଶୁକ୍ରବାର ବିଳମ୍ବିତ ରାତିରେ ଟାୱାର ପାଇଁ ଡିଜେଲ ନେଇଆସିଥିବା ପିକଅପ୍ ଭ୍ୟାନରେ ନିଆଁ ଲାଗି ଜଳିଯାଇଛି। ଜଳେଶ୍ୱର ବ୍ଲକ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତ ସେହି ଗ୍ରାମର ଲକ୍ଷ୍ମୀଧର ପ୍ରମାଣିକଙ୍କ ଘର ନିକଟରେ ଦୀର୍ଘ ୧୫ବର୍ଷ ଧରି ଏୟାରଟେଲ କମ୍ପାନୀର ଏକ ଟାୱାର ଚାଲିଆସୁଛି। ଶୁକ୍ରବାର ରାତି ୧୦ଟା ବେଳେ ଟାୱାରରେ ଥିବା ଡିଜି ପାଇଁ ପିକଅପ୍ ଭ୍ୟାନରେ ଡିଜେଲ ଆସିଥିଲା। ଡିଜେଲ କାଢ଼ି ସାରିବା ପରେ ପିକଅପ୍ ଭ୍ୟାନ ରାସ୍ତାକଡ଼ରେ ଛିଡା ହୋଇଥିଲା। ଭୋର ୩ଟା ସମୟରେ କୌଣସି କାରଣରୁ ପିକଅପ୍ ଭ୍ୟାନରେ ନିଆଁ ଲାଗିଯିବାରୁ ଭ୍ୟାନଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ନିଆଁ ଲାଗିଯାଇଥିବା ଦେଖି ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହେଇଥିଲେ। ଫଳରେ ପିକଅପ ଭ୍ୟାନ ପୋଡ଼ି ଯାଇ ପାଉଁଶ ହୋଇଯାଇଥିଲା। ନିଆଁ ଲାଗିବାର କାରଣ ଜଣାପଡିନାହିଁ।

## ମହିଳାଙ୍କ ମୃତଦେହ ଜବତ

ବାଲେଶ୍ୱର, ୨୧।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ରେଳଷ୍ଟେଶନସ୍ଥିତ ଏଟିଏମ୍ ନିକଟରୁ ଜିଆର୍‌ପି ଥାନା ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କର ବୟସ ୫୦ରୁ ୫୫ ହେବ ବୋଲି ଅନୁମାନ କରାଯାଉଛି। କୌଣସି ରୋଗରେ ପୀଡ଼ିତ ହୋଇ ଉକ୍ତ ଅଜଣା ମହିଳାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଏ ସମ୍ପର୍କରେ ଜିଆର୍‌ପି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧୨/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ବାଲେଶ୍ୱର, ୨୧।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ଥାନା ହଳଦୀପଦା ଫାଣ୍ଡି ଅଧୀନ ଗେମନବ୍ରିଜ୍ ନିକଟରେ ଶନିବାର ବାଇକ୍ ପଛପଟୁ ଏକ ଟ୍ରକ୍ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଭୋଗରାଇ ଥାନା ନାଇଦୋଳି ଅଞ୍ଚଳର ବଳରାମ ଦାସ ଅଧିକାରୀ (୪୨)। ବଳରାମ ଓ ଦିଲୀପ କୁମାର ପଣ୍ଡା ଦୁହେଁ ଭୋଗରାଇରୁ ବାଇକ୍ ଯୋଗେ ଏକ ଭୋଜି ନିମନ୍ତେ ଚାନ୍ଦିପୁର ଯାଉଥିଲେ। ହଳଦୀପଦା ଗେମନ ବ୍ରିଜ୍ ନିକଟରେ ବାଇକ୍‌କୁ ପଛପଟୁ ଟ୍ରକ୍ ଧକ୍କା ଦେଇଥିଲା। ଦୁହେଁ ବାଇକ୍‌ରୁ ଛିଟିକି ରାଜପଥରେ ପଡ଼ିଥିଲେ। ବଳରାମଙ୍କ ମୁଣ୍ଡ ଉପର ଦେଇ ଟ୍ରକ୍ ଚକା ଚଢିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଦିଲୀପ ଗୁରୁତର ଆହତ ହୋଇଥିଲେ। ରାଜପଥ ପାଟ୍ରୋଲିଂ ଭ୍ୟାନ୍ ପୋଲିସ ଓ ହଳଦୀପଦା ଫାଣ୍ଡି ଅଧିକାରୀ ସନାତନ ବିଶ୍ୱାଳ ପହଞ୍ଚି ମୃତଦେହ ଜବତ ସହ ଆହତ ଦିଲୀପଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୫୦୫/୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ନେଇ ଡ୍ରାଇଭର ଚମ୍ପଟ ମାରିଛନ୍ତି।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ବାହାନଗା, ୨୧।୧୨(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଉଶାଳ ଗ୍ରାମର ସରକାରୀ ଜମିରୁ ବାହାନଗା ତହସିଲଦାର ଜବରଦଖଲ ଉଚ୍ଛେଦ କରିଛନ୍ତି। ଏହି ଜମିରେ ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ଜବରଦଖଲ କରି ଘର କରି ରହିଥିଲେ। ବାହାନଗା ତହସିଲ ଅଞ୍ଚଳରେ ଶହ ଶହ ଏକର ମୂଲ୍ୟବାନ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ସ୍ୱାସ୍ଥ୍ୟ ବିଭାଗର ଚିଠିକ୍ରମେ ଗୁରୁବାର ବାହାନଗା ତହସିଲଦାର ମାତ୍ର ୧୬ ଡିସିମିଲି ଜାଗାରୁ ଜବରଦଖଲ ଉଚ୍ଛେଦ କରିଥିବା ଦେଖିବାକୁ ମିଳିଛି। ପଞ୍ଚାୟତ ଓ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଏକ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ଜମି ଆବଶ୍ୟକ ଥିବାରୁ ଗ୍ରାମର ୬୦୭ ଖାତାରେ ଥିବା ୨୬୬୮ /୩୪୩୩, ୨୬୬୭/ ୩୪୬୧( ୧୬ ଡିସିମିଲି )ଜମିକୁ ଚିହ୍ନଟ କରାଯାଇଥିଲା। ମାତ୍ର ଦୀର୍ଘ ଦିନରୁ ଏହି ଜମିକୁ ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରି ବାସଗୃହ ନିର୍ମାଣ କରିଥିଲେ। ଗ୍ରାମବାସୀ ଏହି ପ୍ଲଟକୁ ସ୍ୱାସ୍ଥ୍ୟବିଭାଗକୁ ହସ୍ତାନ୍ତର କରିବା ପରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ବିଭାଗର ବାହାନଗା ତହସିଲକୁ ଜବରଦଖଲ ଉଚ୍ଛେଦ ପାଇଁ ଚିଠି ଲେଖି ଅନୁରୋଧ କରିଥିଲେ। ଗୁରୁବାର ତହସିଲଦାର ସସ୍ମିତା ମୁର୍ମୁ, ଗୋପାଳପୁର ଥାନା ଅଧିକାରୀ ଲୋକନାଥ ସୋରେନ, ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପଣ୍ଡା, କଲ୍ୟାଣୀ ଆରଆଇ ଓ ସରପଞ୍ଚଙ୍କ ସହ ପୋଲିସ ଫୋର୍ସ ସହାୟତାରେ ସମ୍ପୃକ୍ତ ପକ୍କା ଘରକୁ ଭାଙ୍ଗି ଜବରଦଖଲକୁ ଉଚ୍ଛେଦ କରିଥିଲେ।

# ୨୭ରୁ ଜିଲାରେ ଖରିଫ୍ ଧାନ ସଂଗ୍ରହ


ବୈଠକରେ ଜିଲାପାଳଙ୍କ ସହ ବିଭାଗୀୟ ଅଧିକାରୀ ଓ ମିଲର।

- ଖୋଲିଛି ୧୮୦ ଧାନ କ୍ରୟ କେନ୍ଦ୍ର
- ପଞ୍ଜୀକରଣ କରିଛନ୍ତି ୧ଲକ୍ଷ ୨ହଜାର ୬୬୪ ଚାଷୀ
- ସୀମାରେ ଥିବା ୮ଟି ଚେକ୍ ପଏଣ୍ଟରେ ସିସିଟିଭି

ବାଲେଶ୍ୱର, ୨୧।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାରେ ଆସନ୍ତା ୨୭ ତାରିଖରୁ ଖରିଫ୍ ଧାନ ସଂଗ୍ରହ ଆରମ୍ଭ ହେବ। ଏଥିପାଇଁ ଜିଲା ଯୋଗାଣ ଓ ସମବାୟ ବିଭାଗ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ସରିଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀ ଓ ମିଲରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଧାନ କିଣା ପାଇଁ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ପଚାରି ବୁଝିଥିଲେ। ଚାଷୀମାନେ ସୁରୁଖୁରୁରେ କିଭଳି ଧାନ ବିକ୍ରି କରିବେ ସେନେଇ ଗୁରୁତ୍ୱାରୋପ କରିଥିଲେ।

ଏଥର ୧୪ଟି ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ୧୭୦ଟି କେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ୮ଟି ଓ ଲ୍ୟାମ୍ପସ୍ ପକ୍ଷରୁ ୨ଟି ମିଶି ମୋଟ୍ ୧୮୦ଟି କେନ୍ଦ୍ରରେ ଚାଷୀ ଧାନ ବିକ୍ରୟ କରିବେ। ଜିଲାରେ ଚଳିତବର୍ଷ ୧ଲକ୍ଷ ୨ହଜାର ୬୬୪ ଜଣ ଚାଷୀ ଧାନ ବିକ୍ରି ପାଇଁ ଅନଲାଇନ୍‌ରେ ପଞ୍ଜିକରଣ କରିଛନ୍ତି।

ଅପରପକ୍ଷରେ ୨୫ଜଣ ମିଲର କଷ୍ଟମ୍ ମିଲିଂ ପାଇଁ ଚୁକ୍ତି କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୮.୭୦ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ୍ ଆସିଥିବା ବିଭାଗ ପକ୍ଷରୁ କୁହାଯାଇଛି। ସରକାରଙ୍କ ବର୍ଦ୍ଧିତ ମୂଲ୍ୟ ଅନୁଯାୟୀ ଧାନ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୨୩ ଶହ ଟଙ୍କା ସହିତ ୮ଶହ ଟଙ୍କାର ଇନପୁଟ୍ ସହାୟତା ଚାଷୀଙ୍କୁ ମିଳିବ। ସେଥିପାଇଁ ଏଫ୍‌ଏକ୍ୟୁ ମାନର ଧାନ ସଂଗ୍ରହକୁ ସରକାରୀସ୍ତରରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରରେ ଧାନର ଗୁଣବତ୍ତା ପରୀକ୍ଷା ପାଇଁ କିଟ୍ ଉପଲବ୍ଧ ରହିଛି। ଧାନକୁ ସଫା କରିବା ପାଇଁ ପ୍ରତ୍ୟେକ କେନ୍ଦ୍ରରେ 'ଟାଡ଼ି କ୍ଲିନର'ର ବ୍ୟବସ୍ଥା କରାଯାଇଛି। ମଣ୍ଡିକୁ ଗୁଣାତ୍ମକ ମାନର ଧାନ ଆଣିବା ପାଇଁ ଜିଲା ଯୋଗାଣ ବିଭାଗ ପକ୍ଷରୁ ପଥପ୍ରାନ୍ତ ନାଟକ, ପାଲା, ଦାସକାଠିଆ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯାଇଛି। ଓଡ଼ିଶା ଭିତରକୁ ପଶ୍ଚିମବଙ୍ଗ ଧାନ ପ୍ରବେଶକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସଙ୍କ କହିବାନୁଯାୟୀ, ପଶ୍ଚିମବଙ୍ଗରେ ଧାନର ଦର କମ୍ ଥିବାରୁ ବ୍ୟବସାୟୀମାନେ ଲାଭବାନ ହେବା ପାଇଁ ସେଠାରୁ ଧାନ କିଣି ଓଡ଼ିଶାରେ ବିକ୍ରି କରିବା ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ୮ଟି ଚେକ୍ ପଏଣ୍ଟରେ ସିସିଟିଭି ଲଗାଯାଇଛି। ସେହିପରି ସୀମା ପଏଣ୍ଟରେ ତଦାରଖ କରିବା ପାଇଁ ୪ଟି ଭ୍ରାମ୍ୟମାଣ ଟିମ୍ ଗଠନ କରାଯାଇଛି। ଏତଦ୍‌ବ୍ୟତୀତ ଯାଞ୍ଚ ପାଇଁ ପ୍ରତି ଧାନ କ୍ରୟ କେନ୍ଦ୍ରରେ ମଧ୍ୟ ସିସିଟିଭି ଲଗାଯାଇଛି। ପ୍ରତି କେନ୍ଦ୍ରରେ ଜଣେ ଲେଖାଏଁ ନୋଡ଼ାଲ ଅଫିସରଙ୍କୁ ନିଯୁକ୍ତି କରାଯାଇଛି। ୩/୪ଟି କେନ୍ଦ୍ର ପାଇଁ ଜଣେ ସୁପରଭାଇଜିଂ ଅଫିସର ଧାନ କ୍ରୟ ଦାୟିତ୍ୱରେ ଅଛନ୍ତି। ଚାଷୀଙ୍କ ପାଇଁ କୌଣସି ସମସ୍ୟା ନ ହେବା ଦିଗରେ ପ୍ରଶାସନ ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି।

## ବର୍ଷାରେ ଭିଜୁଛି ପାଚିଲା ଧାନ


ଧାନ ସଂଗ୍ରହ କରୁଛି ଚାଷୀ।

ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ),୨୧।୧୨

ବାଲିଆପାଳ ଅଞ୍ଚଳରେ ଦୁଇ ଦିନ ଧରି ଲଘୁଚାପ ଜନିତ ଝିପି ଝିପି ବର୍ଷାରେ ପାଚିଲା ଧାନ ଭିଜୁଛି। ୫୦ରୁ ୬୦% ପାଚିଲା ଧାନ ଅମଳ ହୋଇ ନ ପାରି ବିଲରେ ପଡ଼ି ରହିଛି। କେତେକ ଜମିରେ ପାଚିଲା ଧାନ କଟା ହୋଇ ନ ଥିବା ବେଳେ କିଛି ଜମିରେ ପାଚିଲା ଧାନ ଛିଡ଼ା ହୋଇରହିଛି। କିଛି ଚାଷୀଙ୍କ କଟା ଧାନ ଗଦାକୁ ପଲିଥିନ୍ ଘୋଡ଼ାଇ ସୁରକ୍ଷିତ ରଖିବା ପାଇଁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ବର୍ଷା ଯେଭଳି ତୁହାକୁ ତୁହା ଲାଗି ରହିଛି ଏଭଳି ଲାଗି ରହିଲେ ପାଚିଲା ଧାନ ଗଜା ହେବାର ସମ୍ଭାବନା ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଚଳିତବର୍ଷ ସୁବର୍ଣ୍ଣରେଖା ନଦୀର ବନ୍ୟା ବ୍ୟାପକ କ୍ଷତି ଘଟାଇଥିଲା। ଯାହା କିଛି ଚାଷ ବଞ୍ଚିଥିଲା ଏବେ ଅମଳ ସମୟରେ ବର୍ଷା ମାଡ଼ ସମୂଳେ ନଷ୍ଟ ହେବାକୁ ବସିଛି। ଯେଉଁ ଚାଷୀମାନେ ବ୍ୟାଙ୍କ ଓ ସମବାୟ ସମିତିରୁ କୃଷି ଋଣ ଆଣି ଚାଷ କରିଥିଲେ ସେମାନେ କେମିତି ଋଣ ଶୁଝିବେ ସେହି ଚିନ୍ତାରେ ରହିଛନ୍ତି। ବାଲିଆପାଳ ବ୍ଲକର ଦେଭୋଗ, ବୋଳଙ୍ଗ, କୁଣ୍ଡୁଳି, ସାଉଡି, ବାଲିକୁଟି, ବଣିଆଡ଼ିହା, ଘଣ୍ଟୁଆ, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଚଉମୁଖ, ଡଗରା, ବେତଗଡ଼ିଆ ଆଦି ପଞ୍ଚାୟତର ଅଧିକ ଧାନ କ୍ଷତି ହୋଇଥିବା ଜଣାଯାଇଛି। ଯଦି ଆଉ ଦିନେ ଦୁଇ ଦିନ ବର୍ଷା ଲାଗି ରହିବ ତେବେ ଚାଷ ସମୂଳେ ଉଜୁଡ଼ିଯିବ ବୋଲି ବିଜୟ କୁମାର ଗିରି, ବାବାଜୀ ସାହୁ, ଦିବାକର ନନ୍ଦୀ, ପଦ୍ମଲୋଚନ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ବୁଲା ଦଳାଇ, ଜଗବନ୍ଧୁ ଧଳ, ଜୟକୃଷ୍ଣ ରଣା, ଚିନ୍ମୟ କୁମାର ସାମଲ ନରହରି ଜେନା ପ୍ରମୁଖ କହିଛନ୍ତି। ସରକାର କ୍ଷୟକ୍ଷତିର ଆକଳନ କରି କ୍ଷତି ପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ଏଫ୍‌ଏକ୍ୟୁ ମାନକୁ ନେଇ ଆଶଙ୍କାରେ ଚାଷୀ


ବର୍ଷା ଯୋଗୁ ନଷ୍ଟ ହୋଇଥିବା ଚାଷ।

ଖଇରା, ୨୧।୧୨(ଉତ୍କଳବନ୍ଧୁ ପଣ୍ଡା)

**ପାଚିଲା ଧାନରେ ବର୍ଷା ମାଡ଼**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଅଦିନିଆ ବର୍ଷା ପ୍ରଭାବରେ ଚାଷ ନଷ୍ଟ ହୋଇଛି । ବର୍ତ୍ତମାନ ଧାନ ଅମଳ ଚାଲିଥିବା ବେଳେ ପାଚିଲା ଧାନ ଓ କଟା ହୋଇ ବିଲରେ ପଡିଥିବା ଧାନ ବର୍ଷାମାଡ଼ରେ ଗଜା ଆଶଙ୍କା ଦେଖାଦେଇଛି । ଯାହାକୁ ନେଇ ଖଇରା ବ୍ଲକ ଅଧୀନ ୩୭ ପଞ୍ଚାୟତରେ ଚାଷୀ ବ୍ୟସ୍ତ ଓ ବିବ୍ରତ ହୋଇପଡିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ ବର୍ଷକର ଖର୍ଚ୍ଚ ଭରଣା କରିବାକୁ ଦାବି ହୋଇଛି ।

ଚଳିତ ବର୍ଷ ଖଇରା ବ୍ଲକରେ ଅନ୍ୟୁନ ୧୮ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଥିବା ବେଳେ ୧୯ତାରିଖ ସୁଦ୍ଧା ପାଖାପାଖି ୫ହଜାର ହେକ୍ଟର ଜମିର ପାଚିଲା ଧାନ କଟା ହୋଇ ବିଲ ମୁଣ୍ଡରେ ପଡିଥିଲା । ଅଦିନିଆ ବର୍ଷାରେ ପାଚିଲା ଧାନ ଭିଜି ଯାଇଥିବାରୁ ଏଗୁଡିକ ଗଜା ହେବା ଆଶଙ୍କା ଦେଖାଦେଇଛି। ସେପଟେ ମଣ୍ଡି ଖୋଲିବାରେ ବିଳମ୍ବ ଓ ଏଫଏକ୍ୟୁ ମାନର ଧାନ ସଂଗ୍ରହ ପାଇଁ ଯୋଗାଣ ବିଭାଗ ତରଫରୁ ନିର୍ଦ୍ଦେଶ ଚାଷୀଙ୍କୁ ଚିନ୍ତାରେ ପକାଇଛି । ଧାର୍ଯ୍ୟ ଦର ୩ହଜାର ୧ଶହ ଟଙ୍କାରେ ଧାନ ବିକିବା ଲୋଭରେ ଅମଳ କାର୍ଯ୍ୟକୁ ମନ୍ଥର ଗତିରେ କରୁଥିବା ଚାଷୀଙ୍କୁ ଏ ବର୍ଷ ହରଡଘଣାରେ ପକାଇଛି। ସରକାର ଏଫଏକ୍ୟୁ ମାନକୁ କୋହଳ ନ କଲେ ଚାଷୀଙ୍କର ହଜାର ହଜାର କୁଇଣ୍ଟାଲ ଧାନ ବିକିବା କଷ୍ଟସାଧ ହୋଇପଡିବ। ଶାଗମାଛ ଦରରେ ଆନ୍ଧ୍ର ଓ ପଶ୍ଚିମବଙ୍ଗ ବେପାରୀଙ୍କୁ ବିକିବା ପାଇଁ ବାଧ ହେବେ ବୋଲି ଚାଷୀମାନେ ଦୁଃଖର ସହ କହିଛନ୍ତି । ଏ ସମ୍ପର୍କରେ ଖଇରା ସହକାରୀ କୃଷି ଅଧିକାରୀ ରମ୍ୟରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ସରକାରଙ୍କ ତରଫରୁ ଚିଠି ଶନିବାର ସନ୍ଧ୍ୟାରେ ପହଞ୍ଚିଛି । ସୋମବାର ଗ୍ରାମ ସେବା କର୍ମଚାରୀମାନେ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଏହାର ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

## ଭଡ଼ାଘରେ ଯୁବକଙ୍କ ଆତ୍ମହତ୍ୟା

ସୋର, ୨୧।୧୨(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର କଲେଜ ଛକଠାରେ ଏକ ଉଡ଼ାଘରେ ରହୁଥିବା ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ବକେୟା ବିଦ୍ୟୁତ୍ ବିଲ୍ ଦେବା ପାଇଁ ଘର ମାଲିକ ତାଗିଦ୍ କରିବାରୁ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ଚରମପନ୍ଥା ଅବଲମ୍ବନ କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଖଇରା ଥାନା ଅଧୀନ ବାଘୁଆ ଗ୍ରାମର ପ୍ରଫୁଲ୍ଲ ଦାସ(୪୨) ଦୀର୍ଘଦିନ ଧରି ହେଲା ସ୍ତ୍ରୀ ତୁଳସୀଙ୍କ ସହ ଭଡ଼ା ଘରେ ରହୁଥିଲେ। ଭଡ଼ାରେ ରହୁଥିବା ଘରେ ବିଦ୍ୟୁତ ବିଭାଗ ତରଫରୁ ଫାଇନ କରାଯାଇଥିଲା। ସେ କିଛି ଦେଇଥିଲେ ଓ ଅବଶିଷ୍ଟ ବିଦ୍ୟୁତ ବିଲ୍ ଦେଇ ନ ଥିଲେ। ଏନେଇ ଘର ମାଲିକ ବିଦ୍ୟୁତ ବିଲ୍ ଦେଇଦେବାକୁ ତାଗିଦ୍ କରିଥିଲେ। ଏନେଇ ପ୍ରଫୁଲ୍ଲ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡା ହୋଇଥିଲା। ସ୍ତ୍ରୀ ତୁଳସୀ ବାପଘରକୁ ପଳାଇଯାଇଥିବା ବେଳେ ପ୍ରଫୁଲ୍ଲ ଦୁଇ ଦିନ ତଳେ ପୁରୀ ପଳାଇଯାଇଥିଲେ। ଶୁକ୍ରବାର ପୁରୀରୁ ଫେରିଥିଲେ। ଶନିବାର ସକାଳେ ଘର ମାଲିକ ବିଦ୍ୟୁତ ବିଲ୍ ଦେବାକୁ ତାଗିଦ କରୁଥିବା ନେଇ ଫୋନରେ କାନ୍ଦି କାନ୍ଦି ସ୍ତ୍ରୀଙ୍କୁ ଜଣାଇଥିଲେ। ତୁଳସୀ ଓ ଶାଶୁ ଭଡ଼ା ଘରେ ଆସି ପହଞ୍ଚିଥିଲେ। ଘରେ ପ୍ରଫୁଲ୍ଲ ପଡିଥିବା ଓ ମୁଣ୍ଡ ଫାଟିଥିବା ଦେଖି ସୋର ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସୋର ଡାକ୍ତରଖାନାରୁ ଶବ ଜବତ କରିବା ସହିତ ଉଡ଼ା ଘରୁ ବିଷ କାଚ ଓ ବାନ୍ତିରୁ ବିଷ ଗନ୍ଧ ନେଇ ତଦନ୍ତରୁ ଜାଣିପାରିଛି। ଏନେଇ ସୋର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୯୩/୨୪) ରୁଜୁ ହୋଇଛି। ଅନ୍ୟପକ୍ଷରେ ପ୍ରଫୁଲ୍ଲଙ୍କ ମୁଣ୍ଡ ଫାଟିଥିବାରୁ ଘର ମାଲିକ ତାଙ୍କୁ ହତ୍ୟା କରିଥିବା ନେଇ ତୁଳସୀ ଥାନାରେ ଅଭିଯୋଗ କରିଛନ୍ତି ।

## ବାହାନଗାର ଜୀବନ ପ୍ରଥମ

### ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ବାହାନଗା, ୨୧।୧୨(ଅରୂପକୁମାରଦାସ)

ବରଗଡ଼ ଜିଲା ବରପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ୫୧ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪-୨୫ରେ ବାଲେଶ୍ୱର ଜିଲା ବାହାନଗା ବ୍ଲକର ଛାତ୍ର ଜୀବନ କୁମାର ମାଝି ପ୍ରଥମ ହୋଇଛନ୍ତି। ଆରୁହାବାଡ଼ସ୍ଥିତ ଉଦୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଜୀବନ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ବାଲେଶ୍ୱର ଜିଲାରୁ ଅଂଶଗ୍ରହଣ କରିଥିଲେ। ୩୦ଟି ଜିଲାରୁ ୩୦ଜଣ ପ୍ରତିଭାଗୀ ଭାଗ ନେଇଥିଲେ। ଜୀବନ ସମସ୍ତଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ପଶ୍ଚିମବଙ୍ଗରେ ଅନୁଷ୍ଠିତ ହେବାକୁ ଥିବା ପୂର୍ବାଞ୍ଚଳ ବାଲ୍ ବିଜ୍ଞାନ ପ୍ରଦର୍ଶନୀରେ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ପ୍ରକଳ୍ପ ପ୍ରସ୍ତୁତିରେ ତାଙ୍କୁ ସହଯୋଗ କରିଥିଲେ ଅରୁହାବାଡ଼ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଧର୍ମେଶ



କୁମାର ମହାନ୍ତ ଓ ଶୁଭେନ୍ଦୁ କୁମାର ଶିଅଳ। ଏହି ସଫଳତା ପାଇଁ ତାଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସ, ଆଲୁମିନି ସଭାପତି ଶିଶିର କୁମାର ଅଗସ୍ତି, ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା ସମିତିସଭ୍ୟା ସଭ୍ୟ, ଅଭିଭାବିକା ଅଭିଭାବକ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ଶ୍ରୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜଳେଶ୍ୱର, ୨୧।୧୨(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ଶାନ୍ତିଆସ୍ଥିତ ଶ୍ରୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବାରିକ ଅଧ୍ୟକ୍ଷତା କରିଥିଲେ । ଗଣ ଶିକ୍ଷାବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମାଧ୍ୟମିକ ଶିକ୍ଷାରେ ଶିଶୁର ସର୍ବାଙ୍ଗୀନ ବିକାଶ ଲାଗି ସରକାର, ଅଭିଭାବକ ଓ ଶିକ୍ଷକ ପ୍ରଚେଷ୍ଟା ଜାରି ରଖିବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜଳେଶ୍ୱରର ଏସ୍‌ଡିପିଓ ଦିଲୀପ କୁମାର ସାହୁ ଯୋଗଦେଇ ଶିକ୍ଷା ପ୍ରତ୍ୟେକଙ୍କର ମୌଳିକ ଅଧିକାର ହୋଇଥିବାରୁ ଏଥିରୁ କାହାରିକୁ ବଞ୍ଚିତ କରା ନ ଯିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଆର୍‌ସିସି କପିଳେଶ୍ୱର ମହାନ୍ତି, ସିଆର୍‌ସିସି ସୁବେଶ ପ୍ରଧାନ, ଏସ୍‌ଏମ୍‌ସି ସଭାପତି ରମେଶଚନ୍ଦ୍ର ଜେନା, କାଉନ୍‌ସିଲର କବିତା ଧଳ, ନଗେନ୍ଦ୍ର କର, ମଧୁସୂଦନ କର ପ୍ରମୁଖ ଯୋଗଦେଇ ଶିକ୍ଷା କେବଳ ଆର୍ଥିକ ଉନ୍ନତିରେ ନୁହେଁ ବୌଦ୍ଧିକ ସ୍ତରରେ ମଧ୍ୟ ଉନ୍ନତି ଆଣିଥାଏ ବୋଲି କହିଥିଲେ । ଶିକ୍ଷକ ସତ୍ୟରଞ୍ଜନ ଦାସ ମଞ୍ଚ ଆହ୍ୱାନ, ଅତିଥି ପରିଚୟ ଦେଇଥିବା ବେଳେ ପରିଚାଳନା କମିଟି ସଭାପତି ଶାନ୍ତନୁ ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ । ବୁଦ୍ଧେଶ୍ୱର ପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ 'ମୋ ବିଦ୍ୟାଳୟ ଓ ଅନ୍ଧବିଶ୍ୱାସ' ନାଟକ ମଞ୍ଚସ୍ଥ ହୋଇଥିଲା ।

## ଡୁଙ୍ଗୁରା ଦର୍ଶନ ପ୍ରସାଦ ହାଇସ୍କୁଲର ବାର୍ଷିକୋତ୍ସବ

ଖଇରା, ୨୧।୧୨(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକର ଡୁଙ୍ଗୁରାସ୍ଥିତ ଦର୍ଶନ ପ୍ରସାଦ ହାଇସ୍କୁଲରେ ବାର୍ଷିକୋତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମାୟାଧର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି, ବେଦ ପ୍ରଚାରକ ପଣ୍ଡିତ ଡଃ ବୀରେନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା, ଅବସରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶ୍ରୀକାନ୍ତ ମହାନ୍ତି, ସରପଞ୍ଚ ପ୍ରକାଶ କୁମାର ଲେଙ୍କା, ଆଲୁମିନି ସଭାପତି ମାୟାଧର ନାୟକ,ଏସ୍‌ଇଆରଟିର ଅବସରପ୍ରାପ୍ତ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଚାମ୍ପିୟନ ଚିନ୍ମୟ ବେହେରା, ସାଂସ୍କୃତିକ ଚାମ୍ପିୟନ ତନ୍ମୟ ପୃଷ୍ଟିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ନିର୍ମଳ କୁମାର ପଣ୍ଡା ଓ ନନ୍ଦକିଶୋର ପୃଷ୍ଟିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପିସିପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ମୋରଡ଼ା,୨୧।୧୨(ସ୍ୱାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଜୁଆଳିଭଙ୍ଗା ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ରପୁର(ପିସିପୁର) ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟରେ ଦୁଇଦିନ ଧରି ବରିଷ୍ଠ ଓ କନିଷ୍ଠ ବିଭାଗରେ ମୋଟ ୨୧ଟି କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଚଳିତବର୍ଷ ଖେଳରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବରିଷ୍ଠ ବିଭାଗରେ ଦଶମ ଶ୍ରେଣୀ ଛାତ୍ର ପଲଟନ କିସ୍କୁ ଓ କନିଷ୍ଠ ବିଭାଗରେ ସପ୍ତମ ଶ୍ରେଣୀ ଛାତ୍ର ଆକାଶ ଟୁଡୁ ଚାମ୍ପିୟନ ହୋଇଛନ୍ତି।

ସେହିପରି କୃତୀ ଛାତ୍ରୀଛାତ୍ର ଭାବେ ଦଶମ ଶ୍ରେଣୀର ନମିତା ମହାନ୍ତ ଏବଂ ଶିବ ବେଶ୍ରା ଯୋଗ୍ୟ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଜନାର୍ଦ୍ଦନ ମହାନ୍ତ ଏବଂ ମୁଖ୍ୟବକ୍ତା ଭାବେ ବିପିନ ଚନ୍ଦ୍ର ମହାନ୍ତ, ହରେନ୍ଦ୍ର ମହାନ୍ତ, ପ୍ରଦୀପ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଓ ଶିକ୍ଷା ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ। ଖେଳିଲେ ଶରୀର ସୁସ୍ଥ ରହେ ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ସୁମନ୍ତ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକୋତ୍ସବର ଅନ୍ତିମ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଅପର୍ତ୍ତି କୁମାର ପାଳ, କାହ୍ନୁଚରଣ ବାରିକ, ମଦନ ମାଝୀ, ରିତାରାଣୀ ସାହୁ, ଦୁଲାରୀ ହାଁସଦା, ଅବିନାଶ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଥାନାରେ ଯୁବକ ଅଟକ

ନୀଳଗିରି, ୨୧।୧୨(ପ୍ରଶାନ୍ତ ବିଶ୍ୱାଳ)

ବର୍ଷେ ପୂର୍ବରୁ ମୋବାଇଲରୁ ଆରମ୍ଭ ହୋଇଥିଲା ଭଲ ପାଇବା। ପରସ୍ପରକୁ ଜୀବନସାଥୀ ହେବାର ପ୍ରତିଶ୍ରୁତି ଦେଇ ୨୦୨୩ ଅଗଷ୍ଟରେ ବାଲେଶ୍ୱର ନୋଟାରୀରେ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ନିବିଡ଼ ହୋଇଥିଲା। ହେଲେ ପରେ ଯୁବକଙ୍କ ପରିବାର ବିବାହକୁ ସ୍ୱୀକୃତି ନ ଦେବାରୁ ସେ ସିଧାସଳଖ ଯୁବତୀଙ୍କୁ ମନା କରିଦେଇଥିଲେ। ପ୍ରତାରଣାର ଶିକାର ଯୁବତୀଜଣକ ଶନିବାର ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ନୀଳଗିରି ପୋଲିସ ତିନିଦେଶ ଗ୍ରାମର ଆଲୋକ ପଣ୍ଡାଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ. ୪୧୨/୨୪) ରୁଜୁ ହୋଇଥିବା ଆଇଆଇସି ଗୋପାଳ କର୍ଣ୍ଣ କହିଛନ୍ତି। ଯୁବକ ବ୍ରାହ୍ମଣ ପରିବାରରେ ହୋଇଥିବା ବେଳେ ଯୁବତୀ ଖଣ୍ଡାୟତ ପରିବାରର।

## ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବ

### ବିଭିନ୍ନ ବିଭାଗରେ ୫୧ କୃତୀ ସମ୍ମାନିତ

ସିମୁଳିଆ, ୨୧।୧୨(ସନ୍ତୋଷ ନାୟକ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ବୁଧବାର ସିମୁଳିଆ ବ୍ଲକ ବରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦିବସବ୍ୟାପୀ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ୨୨ଟି ବିଦ୍ୟାଳୟର ବିଭିନ୍ନ ବିଭାଗରେ ୨୧୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ ଆଦି ବିଭିନ୍ନ ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଓଡିଆ, ଉର୍ଦ୍ଦୁ, ସଂସ୍କୃତ, ହିନ୍ଦୀ ଆଦି ବିଭିନ୍ନ ୮ଟି ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମୌସୁମୀ ମହାପାତ୍ରଙ୍କ ସମେତ ମୋଟ ୫୧ଜଣଙ୍କୁ ସମ୍ମାନିତ କରାଯାଇଛି।


ଅନୁଷ୍ଠିତ ଉତ୍ସବରେ ନୃତ୍ୟ ପ୍ରତିଯୋଗିତାରେ ଜଣେ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

ଜଜ୍ ରୂପେ ନିରଞ୍ଜନ ନାୟକ, ଦିଲୀପ କୁମାର ରଥ ଓ ରଞ୍ଜନ କୁମାର ନାୟକ ପ୍ରମୁଖ ଥିଲେ। ଅପରାହ୍ନରେ ଓଷ୍ଟା ବ୍ଲକ ସଭାପତି ଭଗବାନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଖଇରା ବ୍ଲକ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ହରିପଦ ଭୂୟାଁ, ଜିଲା ସମ୍ପାଦକ ମନୋରଞ୍ଜନ ଦାସ, ବିଜୟ କୁମାର ପାତ୍ର, ବରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ମହାଳିକ, ଅଂଶୁମାଧବ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଚାନ୍ଦୁଆ ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

କୁଳିଅଣା, ୨୧।୧୨ (ଗୋପୀନାଥ ବେହେରା): ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍ ଚାନ୍ଦୁଆସ୍ଥିତ ଆଦର୍ଶ ବିଦ୍ୟାଳୟରେ ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ତୋଫାନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଚାନ୍ଦୁଆ ଥାନା ଅଧିକାରୀ ମଧୁସୂଦନ ଦତ୍ତ, ମୁଖ୍ୟ ବକ୍ତାଭାବେ ଚାନ୍ଦୁଆ ସରପଞ୍ଚ ବାସନ୍ତୀ ମୁର୍ମୁ, ସମ୍ମାନୀୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ବିନ୍ଦୁ ରେଖା ପାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ। ଦିବ୍ୟଶଙ୍କର ମହାନ୍ତି ପରିଚାଳନା କରିଥିବା ବେଳେ ଦିବ୍ୟ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

# ଜିନ୍ନତର ଫେରିବା ଆଶା କମୁଛି

ବାରିପଦା, ୨୧।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳକୁ ଅଣାଯାଇଥିବା ୨ ବାଘୁଣୀ ଫେରିବା ନେଇ ସନ୍ଦେହ ଉପୁଜିଛି। ଶିମିଳିପାଳ ଛାଡ଼ି ଝାଡଖଣ୍ଡକୁ ପଳାଇଥିବା ବାଘୁଣୀ ଜିନ୍ନତ ଏବେ ଓଡ଼ିଶା ସୀମାରୁ ୬୦କି.ମି. ଦୂର ପଶ୍ଚିମବଙ୍ଗ ରାଜ୍ୟରେ ବୁଲୁଛି। ଫଳରେ ତାର ଫେରିବା ଆଶା ସଙ୍କୀର୍ଣ୍ଣ ହୋଇଥିବା ଅନୁମାନ କରାଯାଉଛି। ଫଳରେ ବାଘର ଜେନେଟିକ ଡାଇଭର୍ସିଟି(ବଂଶାନୁକ୍ରମିକ ବିବିଧତା) ପରିବର୍ତ୍ତନ ନେଇ ନିଆଯାଇଥିବା ମିଶନ ବିଫଳ ହେବାକୁ ବସିଛି। ସେହିପରି ଅନ୍ୟ ଏକ ବାଘୁଣୀ ଯମୁନା ଶିମିଳିପାଳ ଭୌଗଳିକ ପରିସୀମାରେ ଘୁରି ବୁଲୁଥିବା ବେଳେ ଶିମିଳିପାଳ ଅଭୟାରଣ୍ୟରୁ ବିଚ୍ଛିନ୍ନ ହୋଇଛି। ଯାହାକୁ ନେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏନ୍‌ଟିସିଏ)ରୁ ମିଳିଥିବା ଅନୁଦାନର ଠିକ୍ ବିନିଯୋଗ ହୋଇ ନ ପାରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ଜଙ୍ଗଲରୁ ୨ ବାଘୁଣୀ ଜିନ୍ନତ ଓ ଯମୁନାକୁ ସ୍ୱତନ୍ତ୍ର ତାଲିମପ୍ରାପ୍ତ କର୍ମଚାରୀମାନେ ପର୍ଯ୍ୟାୟ କ୍ରମେ ଆଣିଥିଲେ। ଏହି ମିଶନକୁ ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ୧ କୋଟି ୧୦ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ସମସ୍ତ ପ୍ରସ୍ତୁତି ଶେଷ ହେବା ପରେ ପ୍ରଥମେ ୨ ବର୍ଷ ୭ ମାସର ଯମୁନା ଓ ପରେ ୩ ବର୍ଷର ବାଘୁଣୀ ଜିନ୍ନତକୁ ଅଣାଯାଇ ଏନକ୍ଲୋଜରରେ ରଖାଯାଇଥିଲା। କିଛି ଦିନ ରଖିବା ପରେ ଉଭୟଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇ ଏନ୍‌କ୍ଲୋଜରରୁ ଛଡ଼ାଯାଇଥିଲା। ଯମୁନାକୁ ଦକ୍ଷିଣ ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ଜିନ୍ନତକୁ ଉତ୍ତର ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଛଡ଼ାଯାଇଥିଲା। ତେବେ ସମତଳ ଜଙ୍ଗଲରୁ ଆସି ପାହାଡ଼ିଆ ଜଙ୍ଗଲରେ ନିଜକୁ ଖାପଖୁଆଇ ନ ପାରିବାରୁ ନିଜର ବାସସ୍ଥଳୀ ନିର୍ମାଣ କରିବା ପାଇଁ ଶହ ଶହ କି.ମି. ଚଳପ୍ରଚଳ କରିଥିଲା। ଉଭୟ ବାଘଙ୍କ ବେକ୍‌ରେ ରେଡିଓ କଲର ଲାଗିଥିବାରୁ ସେମାନଙ୍କ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଥିଲା। ତେବେ ଜିନ୍ନତ ଝାଡ଼ଖଣ୍ଡ ରାଜ୍ୟ ଚିଆବାନ୍ଧି ଜଙ୍ଗଲରେ ୧୦ ଦିନ ରହିବା ପରେ ହାତୀ ଭୟରେ ଜଙ୍ଗଲ ଛାଡ଼ିଥିଲା। ବର୍ତ୍ତମାନ ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନାପୁର ଜିଲା ଝାଡ଼ଗ୍ରାମ ଅଞ୍ଚଳ କଙ୍କଡ଼ାଝୋଳ ଜଙ୍ଗଲରେ ରହିଥିବା ଜଣାପଡ଼ିଛି। ଉଭୟ ରାଜ୍ୟର ବନବିଭାଗକୁ ବାଘୁଣୀର ଅବଗତ ହେବା ସହିତ ତାର ସୁରକ୍ଷା ଦିଗରେ ବନକର୍ମଚାରୀମାନେ ନିୟୋଜିତ ରହିଛନ୍ତି। ଏପରିକି ଜିନ୍ନତ ସୁସ୍ଥ ଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ବନମଣ୍ଡଳର ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ଶିମିଳିପାଳ ଅଭୟାରଣ୍ୟର ଲକ୍ଷ୍ମଣରେଖା ପାର ହୋଇ ଯାଇଥିବା ବାଘୁଣୀ ସ୍ୱଇଚ୍ଛାରେ ଫେରିବାର ପ୍ରଶ୍ନ ଉଠୁନି । ବାଘର ଗତିବିଧିକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀମାନେ ଟ୍ରାଙ୍କୁଲାଇଜ କରି ଆଣିଲେ ମଧ ସେ ଶିମିଳିପାଳ ରହିବ ନାହିଁ ବୋଲି ସମ୍ଭାବନା ରହିଛି। ତେବେ ସାତକୋଶିଆ ଅଭୟାରଣ୍ୟରେ ଛଡ଼ା ଯାଇଥିବା ବାଘ ମିଶନ ଫେଲ ହୋଇଥିଲା। ପ୍ରାୟତଃ ଶିମିଳିପାଳ ଜଙ୍ଗଲ ବିଭାଗ ଏହାକୁ ପୁନଃ ଦୋହାରାଇଛି ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

# ବିଶ୍ୱ ଧ୍ୟାନ ଦିବସ



ବାରିପଦା, ୨୧।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ଆନୁକୂଲ୍ୟରେ ଶନିବାର ବାରିପଦା ଷ୍ଟାଡିୟମସ୍ଥିତ ଇଣ୍ଡୋର ହଲ୍‌ଠାରେ ବିଶ୍ୱ ଧ୍ୟାନ ଦିବସ ପାଳନ କରାଯାଇଛି। ଆର୍ଟ ଅଫ୍ ଲିଭିଙ୍ଗ୍ ଫାଉଣ୍ଡେଶନ ପକ୍ଷରୁ ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଏକ ଧ୍ୟାନ ସମାରୋହ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଜିଲାର ବହୁ ସ୍ଥାନରୁ ଶତାଧିକ ଲୋକ ଆସି ଧ୍ୟାନ ଅଭ୍ୟାସ କରିଥିଲେ। ବାରିପଦା ଆର୍ଟ୍ ଅଫ୍ ଲିଭିଙ୍ଗ୍‌ର ଶିକ୍ଷକ ଅଜୟ ମାରାଣ୍ଡି ଓ କୌଶିକ ସାହୁ ଧ୍ୟାନ କରାଇଥିଲେ। ଧ୍ୟାନର ଉପକାରିତା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ଜିଲା ପ୍ରଶାସନିକ ଅଧିକାରୀମାନଙ୍କ ସହ ଗଣମାଧ୍ୟମ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ଆର୍ଟ ଅଫ୍ ଲିଭିଙ୍ଗ୍ ଫାଉଣ୍ଡେଶନର ସରୋଜ ସାହୁ, ନିର୍ମଳ ମହାନ୍ତି, ଅଜୟ ମୋଦୀ, ଉପାସନା ସାହୁ, ଦେବାଶିଷ ମହାନ୍ତ, ରିତୁପର୍ଣ୍ଣା ମଲ୍ଲିକ, ସୃତିପର୍ଣ୍ଣା ମଲ୍ଲିକ, ସୁଦୀପ୍ତ ମିଶ୍ର, ଗୌରବ ପାଲ, ଗୀତେଶ ମହାନ୍ତ, ପ୍ରତୀକ ବେହେରା, ନିଶା ଅଗରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ପୋଲିସ ତଦନ୍ତରେ ମନ୍ଥରତା

### ଘରୋଇ ସହାୟିକା ୨୦ଲକ୍ଷ ନେଇ ଫେରାର ଘଟଣା

ବେତନଟୀ, ୨୧।୧୨ (ଧରଣୀଧର ମହାନ୍ତି): ବେତନଟୀ ଥାନା ଅଧୀନ ଏସଏସ ମହୁଲିଆ ଗ୍ରାମର ସାବିତ୍ରୀ ବେହେରା (୬୫)ଙ୍କ ଘରୁ ତାଙ୍କ ଘରୋଇ ସହାୟିକା ୨୦ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ସାବିତ୍ରୀଙ୍କ ଲିଖିତ ଅଭିଯୋଗକ୍ରମେ ବେତନଟୀ ଥାନାରେ ମଙ୍ଗଳବାର ଥାନାରେ ମାମଲା(ନଂ.୪୩୪/୨୦୨୪) ରୁଜୁ ହୋଇଥିଲା। ପୋଲିସ ମାମଲା ରୁଜୁ କରିବାର ୫ଦିନ ପରେ ମଧ ତଦନ୍ତରେ ଅଗ୍ରଗତି କରି ଅଭିଯୁକ୍ତଙ୍କୁ ଧରୁ ନ ଥିବାରୁ ସାବିତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସାବିତ୍ରୀ ପରିବାରରେ ଏକା ରହୁଥିବା ବେଳେ ବାରିପଦା କାଳିକାପୁର ୨୪ ନଂ. ୱାର୍ଡର ଗୀତାଞ୍ଜଳୀ ବଇଠା ୫ ମାସ ଧରି ଘର କାମରେ ସହାୟତା କରି ସାଙ୍ଗରେ ରହୁଥିଲେ। ସାବିତ୍ରୀ ଝିଆରୀ ବାହାଘର ପାଇଁ ଆତ୍ମୀୟଙ୍କଠାରୁ ଆଣି ୨୦ ଲକ୍ଷ ଟଙ୍କା ତାଙ୍କ ନିଜ ଆଲମିରାରେ ରଖିଥିଲେ। ଗୀତାଞ୍ଜଳି ଘରକୁ ଯିବାର କିଛି ପୂର୍ବ ସୂଚନା ନ ଦେଇ ସାବିତ୍ରୀ ଘରେ ନ ଥିବା ବେଳେ ଘର ତାଲା ମାରି ଚାବିକାଠି ନେଇ ବାହାରେ ସାବିତ୍ରୀଙ୍କୁ ଦେଇ ପଳାଇଯାଇଥିଲେ। ସାବିତ୍ରୀ ଘରକୁ ଫେରି ଦେଖିଲା ବେଳକୁ ଘରେ ୨୦ ଲକ୍ଷ ଟଙ୍କା ନ ଥିଲା। ବେତନଟୀ ଥାନାରେ ଲିଖିତ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି। ସାବିତ୍ରୀ ଅଭିଯୁକ୍ତଙ୍କୁ ଶୀଘ୍ର ଧରିବା ପାଇଁ ଅନୁରୋଧ କରିଛନ୍ତି। ଆଇଆଇସି ସସ୍ମିତା ମହାନ୍ତ ତଦନ୍ତ ଚାଲୁ ରହିଛି, ତଦନ୍ତ ସରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ରାଇକମା ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ ସଫଳତା

ବୈଶିଙ୍ଗା, ୨୧।୧୨ (ରତନ ଦାଶ)




ଛାତ୍ରଙ୍କୁ ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମାସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ରାଉତଙ୍କ ପ୍ରକଳ୍ପ 'ହାଇଟେକ ନ୍ୟାଚୁରାଲ ଫାର୍ମିଂ' ସଫଳତା ପାଇଛି। ବରଗଡ଼ ଜିଲା ବରପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ୫୧ ତମ ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଶ୍ରେଷ୍ଠ ବିବେଚିତ ହୋଇଛି। ଚଳିତ ଡିସେମ୍ବର ମାସ ୧୮ ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରଦର୍ଶନୀରେ ମୟୂରଭଞ୍ଜ ଜିଲାର ୭ ପ୍ରକଳ୍ପ ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅଂଶ ଗ୍ରହଣ କରିଥିଲେ। 'ନ୍ୟାଚୁରାଲ ଫାର୍ମିଂ' ବିଷୟବସ୍ତୁ ଆଧାରିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ ଜେନାଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ପ୍ରକଳ୍ପଟି ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରଶଂସିତ ହୋଇଛି। କୃଷକମାନେ କମ ଖର୍ଚ୍ଚରେ କିଭଳି ଅଧିକ ଫସଲ ଉତ୍ପାଦନ କରିପାରିବେ ତାହା ଏହି ପ୍ରକଳ୍ପ ମାଧ୍ୟମରେ ଦର୍ଶାଯାଇଛି। ଆଗାମୀ ଜାନୁୟାରୀ ୭ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ କୋଲକାତାସ୍ଥିତ ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ୍ ଟେକ୍ନୋଲୋଜିକାଲ ମ୍ୟୁଜିୟମଠାରେ ଅନୁଷ୍ଠିତ ହେବାକୁ ଥିବା ପୂର୍ବ ଭାରତ ବିଜ୍ଞାନ ପ୍ରଦର୍ଶନୀରେ ସୌମ୍ୟରଞ୍ଜନଙ୍କ ପ୍ରକଳ୍ପଟି ଓଡିଶାକୁ ପ୍ରତିନିଧିତ୍ୱ କରିବ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ, ଶଶିଧର ସିଂହ, ବେତନଟୀ ବ୍ଲକ୍ ଶିକ୍ଷା ଅଧିକାରୀ ବିପ୍ଳବ କର, ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଯୁବକଙ୍କ ଆତ୍ମହତ୍ୟା

ଗୋପବନ୍ଧୁନଗର, ୨୧।୧୨ (ଶାନ୍ତନୁ କୁମାର ମଣ୍ଡୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ କୁଆମରା ଗ୍ରାମର ଜଣେ ଯୁବକ ଶନିବାର ମଧ୍ୟାହ୍ନରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଉଛନ୍ତି ସର୍ବେଶ୍ୱର ରଣା (୪୮)। ପରିବାର ଲୋକେ ଘରେ କେହି ନ ଥିବା ବେଳେ ସର୍ବେଶ୍ୱର ବେକରେ ଶାଢୀ ବାନ୍ଧି ଝୁଲି ପଡିଥିଲେ। ତାଙ୍କ ସ୍ତ୍ରୀ ଅପରାହ୍ନ ୩ଟା ରେ ଘରକୁ ଫେରିବା ପରେ ସ୍ୱାମୀଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇ ପଡୋଶୀଙ୍କୁ ଡାକି କୁଆମରା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। କୁଆମରା ଫାଣ୍ଡି ଅଧିକାରୀ ଉପେନ୍ଦ୍ର ଗୋଚ୍ଛାୟତ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ. ୮୫/୨୪) ରୁଜୁ କରିଛନ୍ତି।




## ସଂକ୍ଷେପରେ

### କ୍ଷେତରୁ ୩ ସୋଲାର ପ୍ଲେଟ୍ ଚୋରି

ପାଟଣା, ୨୧।୧୨ (ବୀରକିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ମାନପୁର ଗ୍ରାମ ଚାଷ ଜମିରେ ଲାଗିଥିବା ୩ ସୋଲାର ପ୍ଲେଟ୍‌କୁ ଦୁର୍ବୃତ୍ତ ଶୁକ୍ରବାର ରାତିରେ ଚୋରି କରିନେଇଛନ୍ତି। ମାନପୁର ଗ୍ରାମର ଚାଷ ଜମିରେ ପ୍ରଦାନ ସଂସ୍ଥା ପକ୍ଷରୁ ଲାଗିଥିବା ୧୮ ଟି ସୋଲାର ପ୍ଲେଟ୍ ମଧ୍ୟରୁ ୩ ଟି ସୋଲାର ପ୍ଲେଟକୁ କେହି ନେଇଯାଇଥିବା ଚାଷୀ ଅନ୍ତର୍ଯ୍ୟାମୀ ମହାକୁଡ଼ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୩୨୯/୨୪) ରୁଜୁ ହୋଇଛି।

### ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

ବଉଳା, ୨୧।୧୨ (ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରୈଗାଁ ପଞ୍ଚାୟତ ବନ୍ତଲା ଗ୍ରାମର ଯୁବ ବ୍ୟବସାୟୀ କୃଷ୍ଣଚନ୍ଦ୍ର ଜେନା (୩୦)ଙ୍କ ଅକାଳ ବିୟୋଗ ଘଟିଛି। କୃଷ୍ଣଚନ୍ଦ୍ର ଏକ ଲୁଗା ଦୋକାନ କରି ନିଜର ବ୍ୟବସାୟ କରୁଥିଲେ। ତାଙ୍କ ମରଶରୀର ପହଞ୍ଚିବା ପରେ ବସନ୍ତିଆ ବଜାରରୁ ଶୋଭାଯାତ୍ରାରେ ମରୈଗାଁ ଛକ ଦେଇ ନିଜ ଗାଁ ବନ୍ତଲାକୁ ନିଆଯାଇଥିଲା। ଏହି ସମୟରେ ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ଭାଜପାର ସାଂଗଠନିକ ନିର୍ବାଚନୀ ବୈଠକ

ପାଟଣା, ୨୧।୧୨ (ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀରେ ଭାଜପାର ସାଂଗଠନିକ ନିର୍ବାଚନ ନେଇ ଶନିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣା ମଣ୍ଡଳ ପାଇଁ ବ୍ଲକ୍ ଅନ୍ତର୍ଗତ ବଡପାଟଣା ପଞ୍ଚାୟତ ମଙ୍ଗଳପୁର, ସାହାରପଡ଼ା ମଣ୍ଡଳ ଓ ଉଦୟପୁର ମଣ୍ଡଳ ପାଇଁ ସାହରାପଡ଼ା କ୍ଲବ୍ ଗୃହରେ ଜିଲା ଭାଜପା ନିର୍ବାଚନ ଅଧିକାରୀ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ସହ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷ ଗୌତମ ନାଏକ ପ୍ରମୁଖ ଯୋଗଦେଇଥିଲେ। ୨ ମଣ୍ଡଳ ପାଇଁ ୩ ଜଣ ଲେଖାଏ ସମ୍ଭାବ୍ୟ ସଭାପତି ନାମ ତାଲିକା ପ୍ରସ୍ତୁତ ହୋଇ ପ୍ରେରଣ କରାଯାଇଥିଲା। ପାଟଣା ମଣ୍ଡଳ ପାଇଁ ମଙ୍ଗଳପୁରରେ ବୈଠକ ହୋଇଥିଲେ ହେଁ ବୁଥ କମିଟି ଗଠନ ହୋଇ ନ ଥିବାରୁ ସୋମବାରକୁ ଦିନ ଧାର୍ଯ୍ୟ ହୋଇଥିବା ଭାଜପା ଜିଲା ନିର୍ବାଚନ ଅଧିକାରୀ କହିଛନ୍ତି। ମଙ୍ଗଳପୁରରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ମଣ୍ଡଳ ସଭାପତି ରମେଶ ମହାନ୍ତ, ମଣ୍ଡଳ ନିର୍ବାଚନ ଅଧିକାରୀ ଗୋବିନ୍ଦ ପୃଷ୍ଟି, ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁଦର୍ଶନ ମହାନ୍ତ, ଏମ୍‌ପି ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ବରିଷ୍ଠ ଭାଜପା ନେତା କମଳାକାନ୍ତ ଦାଶ, ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ଶବିର ଦାଶ, ପୂର୍ବତନ ଭାଜପା ଜିଲା ସାଧାରଣ ସମ୍ପାଦିକା ସୋମବାରୀ ମୁଣ୍ଡା, ମୋହନ ମହାନ୍ତ, ଭାଜପା ନେତା ଶଶିଭୂଷଣ ମହାନ୍ତ, ଉମାକାନ୍ତ ମହାନ୍ତଙ୍କ ସହ ସମସ୍ତ ବୁଥ୍ ସଭାପତିମାନେ ସାମିଲ ହୋଇଥିଲେ।

# ଶୁଭଦୀପ, ଅନନ୍ୟାଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

## ଗୋନାସିକା କେନ୍ଦୁଝର ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ମଞ୍ଚରେ ଉପସ୍ଥିତ ଅତିଥି ଓ ସମ୍ମାନିତ ଅତିଥିମାନେ।

କେନ୍ଦୁଝର, ୨୧।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଗୋନାସିକା କେନ୍ଦୁଝର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବଲିଉଡ଼ କଳାକାର ଶୁଭଦୀପ ଓ ଅନନ୍ୟାଙ୍କ ସଙ୍ଗୀତ ଓ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ନୃତ୍ୟରେ ଦର୍ଶକ ଝୁମିଥିଲେ। ମଞ୍ଚରେ ଅଞ୍ଚଳରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ, ଆସାମର କଳାକାରଙ୍କ ଦ୍ୱାରା ବିହୁ ନୃତ୍ୟ ଏବଂ ଗୁଜରାଟର କଳାକାରଙ୍କ ଦ୍ୱାରା ଡାଣ୍ଡିଆ ନୃତ୍ୟ ପରିବେଷଣ କରାଯାଇଥିଲା। ସମସ୍ତ ନୃତ୍ୟ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିବା ବେଳେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ପ୍ରଦର୍ଶିତ ଚିତ୍ତାକର୍ଷକ କଳାତ୍ମକ ନୃତ୍ୟ ଦର୍ଶକଙ୍କ ତାଳି ବନ୍ଦ ହେବାର ନାଁ ନେଇ ନ ଥିଲା। ପରମ୍ପରା ଅନୁଯାୟୀ, କେନ୍ଦୁଝର ଜିଲା ପରିଷଦର ସଭ୍ୟାସଭ୍ୟଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକପ୍ରତିନିଧି ହିସାବରେ ନିଜ ଅଂଚଳର ଉନ୍ନତି ଓ ଲୋକଙ୍କ ସେବାରେ ନିଜକୁ ନିରନ୍ତର ନିୟୋଜିତ ରଖିଥିବାରୁ ଆଶିଷ ଚକ୍ରବର୍ତ୍ତୀ, ଛଇଳବାଳା ନାୟକ, କେଦାର ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ସୌଭାଗ୍ୟ ମଞ୍ଜରୀ ନାୟକ, ରୁନୁ ମହାନ୍ତ, ଶାନ୍ତିଲତା ରଣା, ଅରୁଣ ବାରିକ, ଶଶିକାନ୍ତ ଖିଲାର, ଡମ୍ବରୁଧର କୁଦାଦା ଓ ଲକ୍ଷ୍ମୀଧର କିଷାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜାତୀୟସ୍ତରର ଏକ ଟିଭି ଚ୍ୟାନେଲର ଡ୍ୟାନ୍ସ ରିଏଲିଟି ସୋରେ ଫାଇନାଲରେ ପ୍ରତିଦ୍ୱନ୍ଦିତା କରିଥିବା କେନ୍ଦୁଝରର ଝିଅ ସୁଶ୍ରୀ ଚିରଶ୍ରୀ ସାଗରିକାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତିମ ପର୍ଯ୍ୟାୟରେ ବଲିଉଡ଼ କଳାକାର ଶୁଭଦୀପ ଦାସ ଓ ଅନନ୍ୟା ପାଲଙ୍କ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ବେଶ ଅମୋଦିତ କରିଥିଲା। ସୂଚନାଯୋଗ୍ୟ, ରବିବାର ଉଦଯାପନୀ ସମାରୋହରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ୧୦ ଲକ୍ଷର ସୁନା କିଣିଲେ ଇ-ସ୍କୁଟର ଉପହାର



ଇ- ସ୍କୁଟର ବିଜୟୀ ହୋଇଥିବା ଗ୍ରାହକ।

କେନ୍ଦୁଝର, ୨୧।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ସୁନା କିଣନ୍ତୁ କୁପନ ଓ ଇ-ସ୍କୁଟର ପାଆନ୍ତୁ। କେନ୍ଦୁଝର ଜିଲା ବିଏସ୍ ମଲରେ ଥିବା କନକ ଜୁଏଲାରୀ ତରଫରୁ ଏଭଳି ଯୋଜନା ଚାଲିଛି। ରବିବାର କୁପନ ପାଇବାରୁ ଶେଷ ଦିନ ରଖାଯାଇଛି। କୁପନ ପାଇବା ପାଇଁ ସର୍ବନିମ୍ନ ୫ ହଜାର ଟଙ୍କାର ସୁନା କିଣିପାରିବେ ବୋଲି କନକ ଜୁଏଲାରୀ ତରଫରୁ ପରିଚାଳକ ବିଶ୍ୱନାଥ ରାଉଳ କହିଛନ୍ତି। ସୁନାର ମୂଲ୍ୟ ୬୭ ହଜାର ୯୦୦ ପ୍ରତି ୧୦ ଗ୍ରାମ ଉପରେ ରହିଥିବାରୁ ସମସ୍ତେ ଏହାର ଫାଇଦା ଉଠାଇବାକୁ ସେ କହିଛନ୍ତି। କୁପନ ଉପରେ ଲକି ଡ୍ର ମାଧ୍ୟମରେ ପୁରସ୍କାର ରହିଛି। ଅନ୍ୟପକ୍ଷରେ ଏକ ସଙ୍ଗରେ ୧୦ ଲକ୍ଷ ଟଙ୍କାର ସୁନା କିଣିଲେ ଏକ ଇ-ସ୍କୁଟର ଉପହାର ଯୋଜନା ମଧ୍ୟ ରହିଛି। ଶୁକ୍ରବାର ସ୍ଥାନୀୟ ବିରବରପୁର ପାଟଣାର ଅଭିନାଶ ବେହେରା ୧୦ ଲକ୍ଷ ଟଙ୍କାର ସୁନା କିଣି ଏକ ଇ-ସ୍କୁଟର ଉପହାର ପାଇଥିବା ବିଏସ୍ ମଲ ପକ୍ଷରୁ ସୂଚନା ଦିଆଯାଇଛି। ୨୫ ଲକ୍ଷ ଟଙ୍କାର ସୁନା କିଣିଲେ ବୁଲେଟ ଉପହାର ରହିଛି।

# ଫାଟକରେ ତାଲା ପକାଇଲେ ଅଭିଭାବକ

## ଶାଳଣିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ

ବଉଳା, ୨୧।୧୨ (ଦୁର୍ଗା ପ୍ରସାଦ ଆୟଚ)



ଅଭିଭାବକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳଣିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଯାଇଛି। ଏ ନେଇ ବିଦ୍ୟାଳୟ କମିଟି ଓ ଅଭିଭାବକମାନେ ଶିକ୍ଷକ ନିଯୁକ୍ତି ନେଇ ଦାବି କରିଆସୁଛନ୍ତି। କୌଣସି ଫଳ ନ ମିଳିବାରୁ ଶନିବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଉକ୍ତ ସ୍କୁଲରେ ୮ଟି ଶ୍ରେଣୀ ୧୬୦ ପିଲା ପଢୁଛନ୍ତି। ୫ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ରହିଥିବା ବେଳେ କିଛିଦିନ ତଳେ ଜଣେ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ହୋଇଛି। ଶୁକ୍ରବାର ଆଉଜଣେ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ବଦଳି କରାଯାଇଛି। ୩ ଜଣ ଶିକ୍ଷକରେ ଶିକ୍ଷାଦାନ ଠିକ୍ ଭାବେ ହୋଇପାରୁନାହିଁ। ଏହାକୁ ନେଇ ବିଦ୍ୟାଳୟ କମିଟି, ଅଭିଭାବକ, ଗ୍ରାମବାସୀ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଶିକ୍ଷାଧିକାରୀ ଶିକ୍ଷକଙ୍କ ଉପରେ ଚାପ ସୃଷ୍ଟି କରୁଥିବା ଧାରଣାରେ ବସିଥିବା ବିଦ୍ୟାଳୟ କମିଟିର ଚେୟାରମ୍ୟାନ ରିତା ଜେନା, କୈଳାଶ କୁଅଁର, ବିଜୟ ରାଉତ, ବାବାଜୀ ରାଉଳ, ବ୍ରହ୍ମାନନ୍ଦ ଜେନା, ମିତାରାଣୀ ଜେନା, ପିତାମ୍ବର ସେଠୀ, ରବିନ୍ଦ୍ର କୁଅଁର, ହରେକୃଷ୍ଣ ବାରିକ, ଶାନ୍ତିଲତା କୁଅଁର କହିଛନ୍ତି। ଏବିଇଓ ପ୍ରମୋଦ କୁମାର ନାୟକ କହିଛନ୍ତି, ସୂଚନା ପାଇଛୁ। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ। ସୂଚନାଯୋଗ୍ୟ, ବ୍ଲକ୍ ଅଧୀନ ଉଅଁର ପଞ୍ଚାୟତ ସରଳା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ର ବିଦ୍ୟାଳୟ କମିଟି ଓ ଅଭିଭାବକ ଧାରଣା ଦେଇଥିଲା। ଫଳରେ ଶୁକ୍ରବାର ଜଣେ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି।

# ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଚମ୍ପୁଆ, ୨୧।୧୨ (ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ସମ୍ମାନିତ ଅତିଥିଭାବେ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବବ୍ରତ ତ୍ରିପାଠୀ, ମୁଖ୍ୟ ବକ୍ତାଭାବେ ଉତ୍କଳ ପ୍ରାନ୍ତ ଧର୍ମ ଜାଗରଣ ପ୍ରମୁଖ ଡ଼ଃ ଶୃତିସାଗର ସରସ୍ୱତୀ, ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭଳାନାଥ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ମଞ୍ଚାସୀନ ଥିଲେ। ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ସୌମ୍ୟରଞ୍ଜନ ପ୍ରଧାନଙ୍କୁ ବରୁଣ ବିଶ୍ୱ ଭୂଷଣ ସ୍ମାରକୀ ଓ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ଚିନ୍ମୟ ସ୍ମାରକୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ମୁଖପତ୍ର ବ୍ରହ୍ମଧ୍ୱନୀ ଉନ୍ମୋଚନ କରାଯାଇଥିଲା। ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ ପରିଚାଳନା କରିଥିଲେ।

# କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଚମ୍ପୁଆ, ୨୧।୧୨ (ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ଅନ୍ୟତମ ଅତିଥିଭାବେ ବିଦ୍ୟାଳୟର ଚେୟାରମ୍ୟାନ୍ ଡ଼ଃ ରାଜମୋହନ ପିଏସ୍, ସମ୍ପାଦକ ଉମା ରାଜମୋହନ, ପ୍ରଧାନଶିକ୍ଷକ ବିଜୟ ଭାରତୀ, ସହକାରୀ ପ୍ରଧାନ ଶିକ୍ଷକ ପ୍ରତାପଚନ୍ଦ୍ର ପଲେଇ, କୌରାଲୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ରାମାରାଜୁ ରେଡି, ସନା କାମୌ, ପରିଚାଳନା ମୁଖ୍ୟ ଦୈତାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉପ ଜିଲାପାଳ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିବା ସହିତ ଖେଳ ପତାକା ଅବତରଣ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ।


ଉପଜିଲାପାଳଙ୍କ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଓଏମ୍‌ବିଏଡିସି କାର୍ଯ୍ୟର ସମୀକ୍ଷା କଲେ ସିଇଓ

ଯୋଡ଼ା, ୨୧।୧୨ (ମାନସ ମହାନ୍ତି)

ରାଜ୍ୟ ଖଣି ନିର୍ଦ୍ଦେଶକ ତଥା ଓଏମ୍‌ବିଏଡିସି (ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ) ସିଇଓ ଜି. ରାଜେଶ ସୁନ୍ଦରଗଡ଼ ଜିଲା କୋଇଡ଼ା ଓ କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶୁକ୍ରବାର କୋଇଡ଼ା ଖଣି ମଣ୍ଡଳରେ ଓଏମ୍‌ବିଏଡିସ୍ ପକ୍ଷରୁ ହେଉଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହିତ ଯୋଡ଼ା ଖଣି ମଣ୍ଡଳରେ ନୂତନଭାବେ ନିର୍ମାଣ କରାଯାଉଥିବା ଉପ ନିର୍ଦ୍ଦେଶାଳୟ କୋଠାର ସର୍ବେକ୍ଷଣ କରିଥିଲେ। ଏହା ସହିତ ଖଣିଜର ମାନ ପରୀକ୍ଷାଗାରରେ ନମୁନା ସଂଗ୍ରହ ଏବଂ ନମୁନାର ମାନ ନିର୍ଦ୍ଧାରଣ ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଏତଦ୍ ବ୍ୟତୀତ ଇନ୍‌ଟିଗ୍ରେଟେଡ୍ ମାଇନିଂ ମିନେରାଲ୍ସ ମ୍ୟାନେଜମେଣ୍ଟ ସିଷ୍ଟମରେ ବାରମ୍ବାର ହେଉଥିବା ବିଭିନ୍ନ ତ୍ରୁଟିରେ କିପରି ସୁଧାର କରାଯିବ, ଆଇ ଥ୍ରି ଏମ୍‌ଏସ୍‌ର ହୋମ ପେଜରେ କିପରି ଅଧିକ ତଥ୍ୟ ରହିବ, ଏ ନେଇ ଯୋଡ଼ା ଖଣିଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲଙ୍କ ସହିତ ବିଚାରବିମର୍ଶ କରିଥିଲେ। ଗସ୍ତ ସମୟରେ ଖଣି ନିର୍ଦ୍ଦେଶକ ଜି ରାଜେଶଙ୍କ ସହିତ ଉପ ନିର୍ଦ୍ଦେଶକ ଅଗ୍ରୱାଲ, ଡେପୁଟି ଡାଇରେକ୍ଟର କେମିକାଲ ଅନାଲିସିସ ଦସମତ ସୋରେନ, ଖଣି ଅଧିକାରୀ ଦୀପକ ଧୁରୁଆ, ଓଡ଼ିଶା ଖଣି ନିଗମର ଆଞ୍ଚଳିକ ପ୍ରବନ୍ଧକ ଅବନିକାନ୍ତ ପ୍ରଧାନ ପ୍ରମୁଖଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ।


ଓଏମ୍‌ବିଏଡିସି ସିଇଓ ଜି. ରାଜେଶ ଓ ଅନ୍ୟ ଅଧିକାରୀମାନେ।

# ବିଶ୍ୱବିଦ୍ୟାଳୟରେ ବିଶ୍ୱ ଧ୍ୟାନ ଦିବସ

ବାରିପଦା, ୨୧।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶବିଦ୍ୟାଳୟରେ ପ୍ରଥମ ବିଶ୍ୱ ଧ୍ୟାନ ଦିବସ ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟର ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଭାଗ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଯୋଗ ଓ ପ୍ରାକୃତିକ ବିଭାଗର ଅଧ୍ୟାପିକା ଡ. ସୁଜାତା ଜେନା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଧ୍ୟାନ କରାଇ କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ। ଧ୍ୟାନ ଦ୍ୱାରା ମନକୁ ସ୍ଥିର କରି କିପରି ସୁସ୍ଥ ସମାଜ ଗଠନ କରିବା ଈଶ୍ୱର ସହ ସର୍ବଦା ଜଡ଼ିତ ରହିପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ବହୁତ ପ୍ରକାର ଭାବନାକୁ ଛାଡ଼ି ଜଣେ ସୁସ୍ଥ ମାନବ ହୋଇପାରିବ। ପ୍ରତ୍ୟେକ ଦିନ ଯୋଗ, ଧ୍ୟାନ ଓ ସାତ୍ତ୍ୱିକ ଆହାର ମାନବକୁ ସୁସ୍ଥ, ଉଚ୍ଚ ସ୍ତରୀୟ ବିଚାର ଦିଗରେ ଆପଣାଇ ନେଇଥାଏ। ଶେଷରେ ଯୋଗ ବିଭାଗ ଅଧ୍ୟାପକ ସାଗର ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକଙ୍କ ଉପରେ ଅଣ୍ଡା ବୋଝ

ଛେନାପଦି, ୨୧।୧୨ (ନିରାକାର ପରିଡା)

ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ଅଣ୍ଡା ଶିକ୍ଷକଙ୍କ ମୁଣ୍ଡ ବ୍ୟଥାର କାରଣ ସାଜିଛି। ସରକାରୀ ଧାର୍ଯ୍ୟ ଅନୁଯାୟୀ ମିଳୁଥିବା ଅର୍ଥଠାରୁ ଅଣ୍ଡା ଦର ଅଧିକ ରହୁଥିବାରୁ ଶିକ୍ଷକଙ୍କ ଉପରେ ବୋଝ ପଡୁଥିବା କହିଛନ୍ତି। ମଧ୍ୟାହ୍ନ ଭୋଜନରେ ମିଳୁଥିବା ଅଣ୍ଡାର ପାଇଁ ଅର୍ଥ ବଢ଼ାଇବାକୁ ଦାବି କରାଯାଇଛି।

ପ୍ରକାଶ ଯେ, କେନ୍ଦୁଝର ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିରୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନରେ ୪ ଦିନ ପାଇଁ ଅଣ୍ଡା ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ବଜାରରେ ଅଣ୍ଡାର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଛି। ଫଳରେ ପୂର୍ବ ନିର୍ଦ୍ଧାରିତ ଦରରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ପ୍ରଦାନ କରିବା ସମ୍ଭବପର ହୋଇପାରୁନାହିଁ। ବର୍ତ୍ତମାନ ସମୟରେ ବଜାରରେ ଅଣ୍ଡା ମୂଲ୍ୟ ୭ ଟଙ୍କା ୫୦ପଇସାରୁ ୮ ଟଙ୍କା ରହିଛି। ମାତ୍ର ଡିଏମ୍‌ଏଫ୍ ତରଫରୁ ପ୍ରଦତ୍ତ ମଧ୍ୟାହ୍ନ ଭୋଜନ ପାଇଁ ଅଣ୍ଡା ପ୍ରତି ୫ ଟଙ୍କା ୩୦ ପଇସା ଓ ଜାଳେଣି ବାବଦକୁ ୧୫ପଇସା ଧାର୍ଯ୍ୟ କରାଯାଇଛି। କମ ଦରରେ ଅଣ୍ଡା ଯୋଗାଇବା ଶିକ୍ଷକଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି। ଅଣ୍ଡା ଦରର ବୃଦ୍ଧି ଯୋଗୁ ହୋଇଥିବା କ୍ଷତିର ଭରଣା କରିବା ଅସମ୍ଭବ। ପୂର୍ବରୁ ଅନେକବାର ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅଣ୍ଡାର ମୂଲ୍ୟ ବୃଦ୍ଧି ନିମନ୍ତେ ଜିଲାସ୍ତରରେ ଦରଖାସ୍ତ ଦିଆଯାଇଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଅଣ୍ଡାର ମୂଲ୍ୟ ବୃଦ୍ଧି କରା ନ ଗଲେ ଆଗାମୀ ଦିନରେ ଡିଏମ୍‌ଏଫ୍‌ରୁ ମଧ୍ୟାହ୍ନ ଭୋଜନରେ ସାପ୍ତାହିକ ୪ ଦିନ ଅଣ୍ଡା ପ୍ରଦାନ କରିବାରୁ ଶିକ୍ଷକମାନେ ନିବୃତ ରହିବାକୁ ବାଧ୍ୟହେବେ ବୋଲି କହିଛନ୍ତି। କେନ୍ଦୁଝର ଜିଲାପାଳ ତଥା ଡିଏମ୍‌ଏଫ୍ ଅଧ୍ୟକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ହାଟଡ଼ିହୀ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଶ୍ରୀକାନ୍ତ ବିଶ୍ୱାଳ, ସମ୍ପାଦକ ପ୍ରଦୀପ ନାୟକ, ଶିକ୍ଷକ ରଞ୍ଜନ ପ୍ରଧାନ, ରାମଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।

# ଗଠନ ହେଉନି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍

## ଜିଲାରେ ବଢୁଛି ବାଲି ଚୋରି

କେନ୍ଦୁଝର, ୨୧।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ/ଘସିପୁରା ଥାନା ଶାଳପଡ଼ା ବ୍ରିଜ୍ ନିକଟ ସୁଡୁସୁଡ଼ିଆ ଛକରେ ଡିସେମ୍ବର ୧ ରାତିରେ କେନ୍ଦୁଝର ଖଣି ମଣ୍ଡଳ ଜୁନିୟର ମାଇନିଂ ଅଫିସର ସୁରଜ ହେମ୍ବ୍ରମ, ଗାଡ଼ି ଡ୍ରାଇଭର ଏବଂ ୩ ସୁରକ୍ଷା କର୍ମୀଙ୍କୁ ୧୫ରୁ ଉର୍ଦ୍ଧ୍ୱ ବାଲି ଚାଲାଣକାରୀ ମରଣାନ୍ତକ ଆକ୍ରମଣ କରିଥିଲେ। ପୋଲିସ ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ ବି ଘଟଣା ପରେ କେନ୍ଦୁଝର ସମେତ ରାଜ୍ୟରେ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟ ଏକପ୍ରକାର ବନ୍ଦ ହୋଇଯାଇଛି। ଏପରିକି ଗତ ୧୮ ତାରିଖରେ ମଧ୍ୟ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅନ୍ତର୍ଗତ ଡାହିସାହି ଗ୍ରାମରେ ଚଢ଼ାଉ ସମୟରେ ବାଲି ମାଫିଆମାନେ ପୋଲିସ ଗାଡି ଭଙ୍ଗାରୁଜା କରିବା ସହ ଥାନା ଅଧିକାରୀଙ୍କୁ ଆକ୍ରମଣ କରିଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ଉପଖଣ୍ଡ ଏବଂ ତହସିଲସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରିବାକୁ ସରକାର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ କେନ୍ଦୁଝରରେ ସ୍କ୍ୱାଡ୍ ଗଠନ ହୋଇପାରିନାହିଁ। ଫଳରେ ଜିଲାରେ ଖଣିଜ ଚୋରାଚାଲାଣ ବଢୁଛି।

ପ୍ରକାଶ ଯେ, ରାଜ୍ୟର ବିଭିନ୍ନ ସ୍ଥାନରେ ଖଣି ଅଧିକାରୀ ଓ ପୋଲିସକୁ ଆକ୍ରମଣ ପରେ ଲଘୁ ଖଣିଜ ସମ୍ପଦ ଚୋରି ରୋକିବା ପାଇଁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଶାସନ ସଚିବ ଚିଠି (ନଂ. ୧୦୪୮୧/ ୪ ଡିସେମ୍ବର ୨୦୨୪)ରେ ଉପଖଣ୍ଡ ଏବଂ ତହସିଲସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଗଠନ କରିବାକୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍କ୍ୱାଡ ମାସକୁ ଅତି କମ୍‌ରେ ଥରେ ଚୋରି ରୋକିବା ପାଇଁ ପଦକ୍ଷେପ ନେବ। ଏହାର ରିପୋର୍ଟ ଜିଲାସ୍ତରରେ ଗଠିତ ଟାସ୍କ ଫୋର୍ସ ଏବଂ ଲଘୁ ଖଣି ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବ। ସବ୍ ଡିଭିଜନସ୍ତରରେ ଗଠିତ ଏନ୍‌ଫୋର୍ସମେଣ୍ଟ କମିଟିରେ ଉପଜିଲାପାଳ ଅଧ୍ୟକ୍ଷ ରହିବା ସହ ଏସ୍‌ଡିପିଓ, ଏସିଏଫ୍, ରେଞ୍ଜ ଅଫିସର, ତହସିଲଦାର, ଆଇଆଇସି ମେମ୍ବରଭାବେ କାର୍ଯ୍ୟ କରିବେ ଏବଂ ମାଇନିଂ ଅଫିସର କିମ୍ବା ଜୁନିୟର ମାଇନିଂ ଅଫିସର ମେମ୍ବର କନଭେନର ଭାବେ କାର୍ଯ୍ୟ କରିବେ ବୋଲି ଉଲ୍ଲେଖ ରହିଛି। ସେହିପରି ତହସିଲସ୍ତରରେ ଗଠିତ ଏନ୍‌ଫୋର୍ସମେଣ୍ଟ କମିଟିରେ ତହସିଲଦାର ଅଧ୍ୟକ୍ଷ ରହିବେ। ଆଇଆଇସି, ରେଞ୍ଜ ଅଫିସରଙ୍କୁ ସଦସ୍ୟ ରଖାଯାଇଥିବାବେଳେ ମାଇନିଂ ଅଫିସର କିମ୍ବା ଜୁନିୟର ମାଇନିଂ ଅଫିସର ମେମ୍ବର କନଭେନର ଭାବେ କାର୍ଯ୍ୟ କରିବେ। ମାତ୍ର କେନ୍ଦୁଝରରେ ଆଜି ପର୍ଯ୍ୟନ୍ତ ସ୍କ୍ୱାଡ୍ ଗଠନ ହୋଇପାରିନାହିଁ। ଅନ୍ୟପକ୍ଷେ ନୋଟିଫିକେଶନକୁ ସଂଶୋଧନ କରାଯାଇ ତହସିଲଦାରଙ୍କୁ ଚୋରି କାର୍ଯ୍ୟରେ ନିୟୋଜିତ ଗାଡ଼ିକୁ ଜବତ କରିବାର କ୍ଷମତା ଦିଆଯିବାକୁ ଦାବି ହୋଇଛି। ଅତିରିକ୍ତ ଜିଲାପାଳ ଆଲୋକ ପ୍ରଧାନ କହିଛନ୍ତି, ବାଲି ଚୋରା କାରବାରକୁ ଖଣି ବିଭାଗ ପକ୍ଷରୁ ଧରପଗଡ଼ କରାଯାଉଛି। ସରକାର ଜିଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରିବାକୁ ଚିଠି କରିଛନ୍ତି। ଖୁବ୍‌ଶୀଘ୍ର ରାଜସ୍ୱ, ଖଣି, ବନ ଓ ପୋଲିସ ବିଭାଗ କର୍ମଚାରୀଙ୍କୁ ନେଇ କମିଟି ଗଠନ କରାଯିବ।

# ଅସେଇଁକଳାକୁ ହରାଇ ସାନବଡ଼ବିଲ ଚାମ୍ପିୟନ

## ଓପି ଜିନ୍ଦଲ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ

ଯୋଡ଼ା, ୨୧।୧୨ (ମାନସ ମହାନ୍ତି)



ବିଜେତା ଦଳ ସହ ଅତିଥିମାନେ।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଦେଓଝର ପଞ୍ଚାୟତ ସିଆଳିଯୋଡ଼ାଠାରେ ଜିନ୍ଦଲ ସ୍ପୋର୍ଟସ କମ୍ପ୍ଲେକ୍ସରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ନବମ ଓପି ଜିନ୍ଦଲ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅଞ୍ଚଳର ୪୦ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସାନବଡ଼ବିଲ ଫୁଟବଲ କ୍ଲବ୍ ଓ ଅସେଇଁକଳା ଫୁଟ୍‌ବଲ କ୍ଲବ୍ ମଧ୍ୟରେ ଖେଳା ଯାଇଥିଲା। ସାନବଡ଼ବିଲ ଫୁଟ୍‌ବଲ କ୍ଲବ୍ ଚାମ୍ପିୟନ ବିବେଚିତ ହୋଇଥିଲା। ସାନବଡବିଲର ଖେଳାଳି ମାର୍ଶାଲ ପୂର୍ତ୍ତିଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି, ସର୍ବାଧିକ ଗୋଲ ପାଇଁ ସାନବଡ଼ବିଲର ଅମିତ ବେହେରାଙ୍କୁ ପୁରସ୍କାର ମିଳିଛି। ସିଆଳିଯୋଡ଼ା ଫୁଟ୍‌ବଲ କ୍ଲବ୍ ଓ ବିଲେଇପଦା ଫୁଟ୍‌ବଲ କ୍ଲବ୍ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ସମ୍ମାନିତ ଅତିଥିଭାବେ ଦେଓଝର ସରପଞ୍ଚ ଧ୍ରୁବଚରଣ ନାଏକ, ବିରିକଳା ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, କଣ୍ଡରା ସମିତି ସଭ୍ୟ ସୋମନାଥ ମହାନ୍ତ, ଦେଓଝରର ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା, ଅନ୍ୟତମ ଅତିଥିଭାବେ ଆଦିମ ସଂସ୍କୃତିର ସାଧାରଣ ସମ୍ପାଦକ ଡ. ରୁଦ୍ରମଣି ପାତ୍ର ଓ କଣ୍ଡରା ପଞ୍ଚାୟତର ନାଏବ ସରପଞ୍ଚ ମଙ୍ଗୁ ଚାତାର ଯୋଗଦେଇଥିଲେ। ସେହିପରି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଜିନ୍ଦଲ ପେଲେଟ ପ୍ଲାଣ୍ଟର ୟୁନିଟ ହେଡ୍ ପୁରୁଷୋତ୍ତମ ଏମ୍‌ଡି, ଏଚ୍‌ଆର ଆଣ୍ଡ ଇଏସ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ସିଏସ୍‌ଆର ହେଡ୍ ଭର୍ଜିଲ ଲାକ୍ରା ଓ ଚିଫ୍ ମେଡିକାଲ ଅଫିସର ଡ. ରାମାନନ୍ଦ ପ୍ରସାଦ ଅତିଥି ଭାବେ ଯୋଗଦେଇଥିଲେ।

